● ଗଞ୍ଜେଇ ଜବତ ମାମଲା

## ଦୁଇ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏଁ ଜେଲ୍

**ବ୍ରହ୍ମପୁର, ୨୪।୬(ସମିସ):** ସୋମବାର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ପ୍ରଥମ) ଡ. ଇନ୍ଦୁ ଶର୍ମା ତୋରା ଗଞ୍ଜେଇ ଚାଲାଣ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ଘଟଣାରେ ୩କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିବା ବେଳେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟ ଅଭିଯୁକ୍ତଙ୍କୁ ୧୦ବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଉଭୟ ଅଭିଯୁକ୍ତଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧ବର୍ଷ ଜେଲ୍ ଭୋଗିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଦୋଷୀ ଅଭିଯୁକ୍ତମାନେ ହେଲେ ଗଜପତି ଜିଲ୍ଲା ମୋହନା ଥାନା ରୁଆମ୍ବ ଗ୍ରାମର କୈଳାସ ଗୌଡ଼ (୨୮) ଓ ଢେଙ୍କା ସିନ୍ଧବାର ମୁନା ସେଢସିଂ(୨୪)। ଗଜପତି ଜିଲ୍ଲା ମୋହନା ଅଞ୍ଚଳରୁ ଦିଗପହଣ୍ଡି ଦେଇ ବ୍ରହ୍ମପୁର ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଗୁଇନ୍ଦା ବିଭାଗର ତତ୍କାଳୀନ ଇନ୍ସପେକ୍ଟର ହୃଦୟଚନ୍ଦ୍ର ସାମନ୍ତଙ୍କ ନେତୃତ୍ୱରେ ଏକ ଟିମ ବାଲିପଡ଼ା ଛକରେ ଯାନବାହନ ଯାଞ୍ଚ କରିଥିଲେ। ବ୍ରହ୍ମପୁର ଅଭିମୁଖେ ଆସୁଥିବା ମହିନ୍ଦ୍ରା ବୋଲେରୋ ପିକ୍‌ଅପ (ଓଡ଼ି ୦୭ ଏ ଏନ ୪୩୧୭)କୁ ଅଟକାଇ ତାହାର ଯାଞ୍ଚ କରିବା ବେଳେ ଗାଡିରୁ ୩କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା। ଅବକାରୀ ଟିମ ଗାଡ଼ିଚାଳକ କୈଳାସ ଗୌଡ଼ ଓ ଗାଡିରେ ଥିବା ଅନ୍ୟଜଣେ ଯୁବକ ମୁନା ସେଡ଼ସିଂ’ଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରି ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଅବକାରୀ ଗୁଇନ୍ଦା ଇନ୍ସପେକ୍ଟର ହୃଦୟଚନ୍ଦ୍ର ସାମନ୍ତ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ରାୟ ପ୍ରକାଶ ବେଳେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ମାମଲାର ବିଚାରଣା ବେଳେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ଏହି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

## ଆଶାକର୍ମୀଙ୍କୁ ଆକ୍ରମଣ ଅଭିଯୋଗ; ଯୁବକ ଗିରଫ

**ବ୍ରହ୍ମପୁର, ୨୪।୬(ସମିସ):** ଜନୈକା ଆଶାକର୍ମୀଙ୍କୁ ଲୁହାଛଡ ଓ ପଥରରେ ଆକ୍ରମଣ କରିବା ଅଭିଯୋଗରେ ଗୋଷାଣିନୁଆଗାଁ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଫୁଲଟା ଗ୍ରାମର ଚକ୍ରା ଦାସ(୪୮)। ସୂଚନାଯୋଗ୍ୟ ଯେ, ଗତ ୨୩ତାରିଖ ପୂର୍ବାହ୍ନରେ ନିମଖଣ୍ଡି ଥାନା ଅଞ୍ଚଳର ମହିଳା ଆଶାକର୍ମୀଙ୍କୁ ଅଭିଯୁକ୍ତ ଚକ୍ରା ଦାସ ଜାତୀୟ ରାଜପଥ ନିକଟରେ ଥିବା ଶିବ ମନ୍ଦିର ନିକଟରେ ଗାଳିଗୁଲଜ କରିବା ସହ ପଛପଟୁ ଲୁହା ରଡ଼ ଓ ପଥରରେ ଆକ୍ରମଣ କରିଥିଲା। ଏଥିରେ ମହିଳା ଜଣକ ଗୁରୁତର ଆହତ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ପରେ ଘଟଣାକୁ ନେଇ ମହିଳା ଜଣକ ଗୋଷାଣିନୁଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ୧୫୧/୨୪ରେ ଏକ ମାମଲା ରୁଜୁ କରି ସୋମବାର ଅଭିଯୁକ୍ତ ଚକ୍ରା ଦାସକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ଯୁବକଙ୍କୁ ଆକ୍ରମଣ; ୧ ଗିରଫ

**ବ୍ରହ୍ମପୁର, ୨୪।୬(ସମିସ):** ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ଗୋଷାଣିନୂଆଗାଁ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଫାଷ୍ଟଗେଟ ଝିଲିମିଲି ନଗରର ପିଣ୍ଟୁ ଦାସ(୨୯)। ଗତ ୨୧ତାରିଖ ସନ୍ଧ୍ୟାରେ କନିଷି ତହସିଲ ରୋଡ଼ର ଭକ୍ତି ଗୌଡ଼ କୌଣସି ଏକ କାମରେ ବ୍ରହ୍ମପୁର ଯାଉଥିଲେ। ସନ୍ଧ୍ୟା ୬ଟା ୩୦ରେ ଭକ୍ତି ଉକ୍ତ ରାସ୍ତା ଦେଇ ଯାଉଥିବାବେଳେ ସ୍ଥାନୀୟ ହାଉସିଂ ବୋର୍ଡ ନିକଟସ୍ଥ ସ୍କୁଲ ନିକଟରେ ଅଭିଯୁକ୍ତ ପିଣ୍ଟୁ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଲୁହା ଚେୟାର ଜରିଆରେ ଆକ୍ରମଣ କରିଥିଲା। ଯାହାଫଳରେ ଭକ୍ତିଙ୍କ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏପରିକି ହତ୍ୟା ଧମକ ଦେଇଥଇବା ନେଇ ଭକ୍ତି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ସୋମବାର ଅଭିଯୁକ୍ତ ପିଣ୍ଟୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

**ବ୍ରହ୍ମପୁର, ୨୪।୬(ସମିସ):** ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଲୋଚାପଡ଼ା କାଲୁଆ ନଗର ୨ୟ ଲାଇନ ନିବାସୀ ଦୟା ଶଙ୍କର ସାହୁ(୩୪)। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଲୋଚାପଡ଼ା କାଲୁଆ ନଗର ୨ୟ ଲାଇନରେ ସୂର୍ଯ୍ୟମଣି ସାହୁ ଭଡ଼ାଘରେ ରହୁଛନ୍ତି। ସେହି ଘରର ଉପର ମହଲାରେ ଅଭିଯୁକ୍ତ ଦୟା ଓ ତାଙ୍କ ପରିବାର ରହୁଛନ୍ତି। ଗତ ୨୨ତାରିଖ ରାତି ପ୍ରାୟ ସାଢ଼େ ୧୦ଟା ବେଳେ ଗାଡି ପାର୍କିଂକୁ ନେଇ ଉଭୟ ସୂର୍ଯ୍ୟମଣି ଓ ଦୟାଙ୍କ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା। ପରବର୍ତ୍ତୀ ସମୟରେ ଦୟାଙ୍କ ପରିବାର ଲୋକେ ସୂର୍ଯ୍ୟମଣିଙ୍କୁ ଏକ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ଯାହା ଫଳରେ ସୂର୍ଯ୍ୟମଣିଙ୍କ ମୁଣ୍ଡ ସମେତ ଶରୀରର ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହୋଇଥିଲା। ପରେ ସ୍ଥାନୀୟ ଲୋକେ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଏଠାରେ ସୂର୍ଯ୍ୟମଣିଙ୍କ ମୁଣ୍ଡରେ ୧୮ ଟି ଷ୍ଟିଚ ପଡ଼ିଥିବା ନେଇ ସୂର୍ଯ୍ୟମଣି ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ୧୮୩/୨୪ରେ ଏକ ମାମଲା ରୁଜୁ କରିଥିଲା। ସୋମବାର ଅଭିଯୁକ୍ତ ଦୟାକୁ ଗିରଫ କରି କୋର୍ଟଚାଲାଣ କରିଥିବା ପୁଲିସ କହିଛି।

ବିଏମ୍‌ସିର ପରିମଳ ବ୍ୟବସ୍ଥାର ଘରୋଇକରଣ

# ସଫେଇ କ୍ଷେତ୍ରରେ ବ୍ୟାପକ ହରିଲୁଟ୍!

ବ୍ରହ୍ମପୁର, ୨୪।୬(ସମିସ)

ବ୍ରହ୍ମପୁର ମହାନଗର ନିଗମରେ ପରିମଳ ବ୍ୟବସ୍ଥାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ନିଗମର ମୋଟ ୪୨ଟଇ ୱାର୍ଡକୁ ୫ଟି ଜୋନ୍‌ରେ ବିଭକ୍ତ କରାଯାଇ ୩ଟି ଘରୋଇ ସଂସ୍ଥାକୁ ସହରର ପରିମଳ ବ୍ୟବସ୍ଥାର ଘରୋଇକରଣ କରାଯାଇଛି। ପ୍ରତ୍ୟୁଷ, ପାରା ଓ ପିଏମଆର ଭଳି ୩ଟି ସଂସ୍ଥାକୁ ଏହି ପରିମଳ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ପୂର୍ବାହ୍ନ ଓ ଅପରାହ୍ନରେ ସହରର ସମସ୍ତ ୱାର୍ଡରେ ସଫେଇ କାର୍ଯ୍ୟକୁ ବ୍ୟାପକ କରିବାକୁ ଯାଇ ଏହି ବ୍ୟବସ୍ଥା କରାଯାଇଛି। ତେବେ ଏଥିରେ ବ୍ୟାପକ ଦୁର୍ନିତି ହେଉଥିବା ଅଭିଯୋଗ ହେଉଛି। ଏହି ୩ଟି ଘରୋଇ ସଂସ୍ଥା ପକ୍ଷରୁ ସହରର ପ୍ରତ୍ୟେକ ୱାର୍ଡରେ ୩୦ରୁ୪୦ଜଣ ଓ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ଏଥି ସହିତ ବିଏମସିର ସ୍ଥାୟୀ ସଫେଇ କର୍ମଚାରୀ ପ୍ରାୟ ୧୦୦ଜଣ ଏହି କାର୍ଯ୍ୟରେ ନିୟୋଜିତ ରହୁଥିବା ଜଣାପଡ଼ିଛି। ତେବେ ବିଭିନ୍ନ ୱାର୍ଡରେ ଘରୋଇ ସଂସ୍ଥାମାନେ ନିର୍ଦ୍ଧାରିତ ସଂଖ୍ୟକ ସଫେଇ କର୍ମଚାରୀଙ୍କୁ ନିୟୋଜିତ ନକରି ମାନବସମ୍ବଳର ଚୋରି କରୁଥିବା ଅଭିଯୋଗ ହେଉଛି। କର୍ମଚାରୀଙ୍କ ସଂଖ୍ୟା ହ୍ରାସ ଯୋଗୁଁ ବିଭିନ୍ନ ୱାର୍ଡରେ ସଫେଇ କାର୍ଯ୍ୟ ସଠିକ ଭାବେ ପରିଚାଳନା ହୋଇପାରୁ ନଥିବା ଦେଖିବାକୁ ମିଳୁଛି। ଏପରିକି କେତେକ ୱାର୍ଡରେ ନିର୍ଦ୍ଧାରିତ ସଂଖ୍ୟା ଠାରୁ ଶତକଡା ୫୦ପ୍ରତିଶତରୁ ମଧ୍ୟ କମ୍ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରି ସେମାନଙ୍କ ଜରିଆରେ ଦୁଇଗୁଣା କାର୍ଯ୍ୟ ହାସଲ କରାଯାଉଥିବା ଭଳି ଗୁରୁତର ଅଭିଯୋଗ ମଧ୍ୟ ହୋଇଛି। ପରିମଳ ତଥା ସଫେଇ କ୍ଷେତ୍ରରେ ବ୍ୟାପକ ହରିଲୁଟ ହେଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ମଧ୍ୟ ଯଦିଓ ସହରର ସଫେଇ କାର୍ଯ୍ୟ ଘରୋଇ ସଂସ୍ଥାମାନଙ୍କୁ ଦିଆଯାଇଥିଲା ତଥାପି ସେମାନଙ୍କ ଦ୍ୱାରା ନିୟୋଜିତ କର୍ମଚାରୀଙ୍କ ଫଟୋ ଉଠାଯାଉଥିଲା। ସମସ୍ତଙ୍କୁ ପୃଥକ ପୃଥକ ୟୁନିଫର୍ମ ପରିଧାନ କରିବାକୁ କୁହାଯାଉଥିଲା। ଯାହା ବର୍ତ୍ତମାନ କୌଣସି ସ୍ଥାନରେ ଦେଖିବାକୁ ମିଳୁନାହିଁ। ଏଭଳି ସ୍ଥିତିକୁ ନେଇ ନିଗମ ବୈଠକରେ କେତେକ କର୍ପୋରେଟର ପ୍ରଶ୍ନ କରିବା ସହ ଖୋଦ୍ ମେୟର ସଂଘମିତ୍ରା ଦଳେଇ ମଧ୍ୟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ଅଭିଯୋଗ ଆସିବା ପରେ ଏହାକୁ ସେ ଗୁରୁତ୍ୱର ସହିତ ନେଇଛନ୍ତି। ପରିମଳ ଷ୍ଟାଣ୍ଡିଂ କମିଟିରେ ଏନେଇ ଆଲୋଚନା କରାଯାଇଥିବା ବେଳେ ଖୁବ୍‌ଶୀଘ୍ର ସମସ୍ତ ୩ଟି ଯାକ ଘରୋଇ ସଂସ୍ଥାଙ୍କୁ ଡକାଇ ଅଭିଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ଏପରିକି ସମସ୍ତ ୩ଟି ଯାକ ସଂସ୍ଥା ଦ୍ୱାରା ନିୟୋଜିତ ହୋଇଥିବା ସଫେଇ କର୍ମଚାରୀଙ୍କୁ ସଫେଇ କାର୍ଯ୍ୟ ସମୟରେ ୟୁନିଫର୍ମ ପରିଧାନ କରିବା ବାଧ୍ୟତାମୂଳକ କରାଯିବ। ସମସ୍ତ ୟୁନିଫର୍ମରେ ଯିଏ ଯେଉଁ ୱାର୍ଡରେ ନିୟୋଜିତ ସେମାନଙ୍କ ଜ୍ୟାକେଟରେ ଉକ୍ତ ୱାର୍ଡର ନମ୍ବର ଉଲ୍ଲେଖ ରହିବ। ଫଳରେ ଗୋଟିଏ ୱାର୍ଡର ସଫେଇ କର୍ମଚାରୀ ଅନ୍ୟ ୱାର୍ଡରେ ନିୟୋଜିତ ହେଲେ ଧରାପଡ଼ିବେ। ଏବଂ ସମସ୍ତ ସଫେଇ କର୍ମଚାରୀଙ୍କର ଫଟୋ ଉଠାଯିବ। ଯେକୌଣସି ମୂହୁର୍ତ୍ତରେ ଲୋକ ପ୍ରତିନିଧି ଅଥବା ଅଧିକାରୀ ଚାହିଁଲେ ଏଥିରେ ହେଉଥିବା ଦୁର୍ନୀତି ସମ୍ପର୍କରେ ଯାଞ୍ଚ କରିବା ମଧ୍ୟ ସହଜ ହେବ ବୋଲି କହିଛନ୍ତି ମେୟର ସଂଘମିତ୍ରା ଦଳେଇ।

● ସହରକୁ କରାଯାଇଛି ୫ଟି ଜୋନ୍
● ୩ଟି ଘରୋଇ ସଂସ୍ଥାକୁ ଦିଆଯାଇଛି ଦାୟିତ୍ୱ
● ‘ମାନବ ସମ୍ବଳ’ର ହେଉଛି ବ୍ୟାପକ ଚୋରି

ବ୍ରହ୍ମପୁର ମହାନଗର ନିଗମ

## ବୁଦ୍ଧଙ୍କ ମୂର୍ତ୍ତି ଗାଏବ ଘଟଣା, ଥାନାର ଦ୍ୱାରସ୍ଥ ହେଲେ ଆଇନଜୀବୀ





ବ୍ରହ୍ମପୁର, ୨୪।୬(ସମିସ)

ବ୍ରହ୍ମପୁର ସହରର ସୌନ୍ଦର୍ଯ୍ୟବୃଦ୍ଧି ତଥା ସରକାରୀ ଜମିକୁ ଜବରଦଖଲରୁ ସୁରକ୍ଷା ଦେବାକୁ ଯାଇ ବିଭିନ୍ନ ସ୍ଥାନରେ ଏକାଧିକ ପ୍ରକଳ୍ପ କରାଯାଇଥିଲା। ଯାହାର ତଦାରଖ ଦାୟିତ୍ୱ ମଧ୍ୟ ବିଏମସିର। ଏହି କ୍ରମରେ ସହରର ବିଜିପୁର ପୋଖରୀ ପାର୍ଶ୍ୱରେ ଏକ ସରକାରୀ ଜମିରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ତାରବାଡ ବେଢ଼ାଇ ସେଥିମଧ୍ୟରେ ପ୍ରସ୍ତର ନିର୍ମିତ ଏକ ବୁଦ୍ଧିମୂର୍ତ୍ତି ସ୍ଥାପନ କରାଯାଇଥିଲା। ତେବେ କିଛିଦିନ ପୂର୍ବେ ହଠାତ୍ ଉକ୍ତ ସ୍ଥାନରୁ ବୁଦ୍ଧଙ୍କ ମୂର୍ତ୍ତି ଉଭାନ ହୋଇଯାଇଥିଲା। ଯାହାକୁ ନେଇ ସହରବାସୀଙ୍କ ମନରେ ଭିନ୍ନଭିନ୍ନ ପ୍ରଶ୍ନ ସୃଷ୍ଟି ହୋଇଥିଲା। ଏପରିକି ଘଟଣାକୁ ନେଇ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ବରିଷ୍ଠ ଆଇନଜୀବୀ ପିତବାସ ପଣ୍ଡା ଓ ତାଙ୍କ ସହଯୋଗୀମାନେ ସୋମବାର ଟାଉନ ଥାନାର ଦ୍ୱାରସ୍ଥ ହୋଇ ଉକ୍ତ ମୂର୍ତ୍ତି ଚୋରି ହୋଇଥିବା ଅଭିଯୋଗ କରିଥିଲେ। ଏଥିରେ ଆଇନଜୀବୀ ପିତବାସ ପଣ୍ଡାଙ୍କ ସମେତ ଗଞ୍ଜାମ ଓକିଲ ସଂଘର ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର, ଆଇନଜୀବୀ ଲଡୁକିଶୋର ବାରିକ, ସନ୍ତୋଷ ସାହୁ, ଚିନ୍ମୟ ହୋତା, ସୁପ୍ରଭା ଦାଶ, ସୁଶାନ୍ତ ଗୌଡ, ସୁଦର୍ଶନ ସେଠୀ, ଅରୁଣ ରାଓ ଓ ତାରିଣୀ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ତେବେ ରାସ୍ତାକଡରୁ ବିଏମସି ଦ୍ୱାରା ସ୍ଥାପିତ ବୁଦ୍ଧଙ୍କ ମୂର୍ତ୍ତି ଉଭାନ ହେବା ଓ ଏନେଇ ଥାନାରେ ଏତଲା ଦିଆଯିବା ଘଟଣାରେ ନିଜର ପ୍ରତିକ୍ରିୟା ରଖିଛନ୍ତି ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ। ତାଙ୍କର କହିବା କଥା ହେଲା ବୁଦ୍ଧଙ୍କ ମୂର୍ତ୍ତି ଉଭାନ କିମ୍ବା ଚୋରି ହୋଇନାହିଁ। ବରଂ ଏହାକୁ ସେଠାରୁ ଅଣାଯାଇ ବିଏମସି କାର୍ଯ୍ୟାଳୟ ପରିସରରେ ସୁରକ୍ଷିତ ରଖାଯାଇଛି।

ପୂର୍ବରୁ ବୁଦ୍ଧଙ୍କ ମୂର୍ତ୍ତି ସ୍ଥାପିତ ହୋଇଥିବା ସ୍ଥାନରେ ଅଳିଆ ଅବର୍ଜନା ପଡୁଥିବାରୁ ସମ୍ପୃକ୍ତ ଅଞ୍ଚଳ ଲୋକଙ୍କ ଠାରୁ ଅଭିଯୋଗ ଆସିଥିଲା। ଏପରିକି ସେଠାକାର ପରିବେଶ ନଷ୍ଟ ହେଉଥିଲା। ବିଏମସି ପକ୍ଷରୁ ମଧ୍ୟ ସମ୍ପୃକ୍ତ ସ୍ଥାନର ନିୟମିତ ରକ୍ଷଣାବେକ୍ଷଣ କରିବା ସମ୍ଭବପର ହେଉନଥିଲା। ଏଣୁ ସେଠାରୁ ବୁଦ୍ଧଙ୍କ ମୂର୍ତ୍ତିକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ଉକ୍ତ ସ୍ଥାନରେ ନୂତନ ପ୍ରକଳ୍ପ କରାଯାଇ ଉକ୍ତ ସରକାରୀ ଜମିର ସୁରକ୍ଷା କରାଯିବ ଓ ନୂତନ ପ୍ରକଳ୍ପ ସହରବାସୀଙ୍କ ବ୍ୟବହାର ଯୋଗ୍ୟ ହୋଇପାରିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

● ବିଏମ୍‌ସି କାର୍ଯ୍ୟାଳୟ ପରିସରରୁ ସୁରକ୍ଷିତ ଉଦ୍ଧାର ହେଲା ମୂର୍ତ୍ତି
● ନୂତନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବିଏମ୍‌ସିକୁ ଅଣାଯାଇଥିଲା ବୁଦ୍ଧଙ୍କ ମୂର୍ତ୍ତି : ମେୟର

ନିଟ୍, ନେଟ୍ ପ୍ରବେଶିକା ପରୀକ୍ଷାରେ ଦୁର୍ନୀତି

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




**ବ୍ରହ୍ମପୁର, ୨୪।୬(ସମିସ):** ନିଟ୍ ୟୁଜି ଏବଂ ୟୁଜିସି- ନେଟ୍ ପ୍ରବେଶିକା ପରୀକ୍ଷାରେ ଘଟିଥିବା ଦୁର୍ନୀତି ପ୍ରତିବାଦରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ (ଏଆଇଡିଏସ୍‌ଓ) ଗଞ୍ଜାମ ଜିଲ୍ଲା କମିଟି ତରଫରୁ ଖଲ୍ଲିକୋଟ କଲେଜ ସମ୍ମୁଖରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ପ୍ରଥମେ ନିଟ୍ ଏବଂ ଏବେ ନେଟ୍ ପରୀକ୍ଷାରେ ଘଟିଥିବା ଦୁର୍ନୀତି ଏବଂ ଅନିୟମିତତା ସାମ୍ନାକୁ ଆସୁଛି। କିଛି ଦିନ ତଳେ ନିଟ୍-ପିଜି ପରୀକ୍ଷାକୁ ମଧ୍ୟ ଅଚାନକ ବାତିଲ କରାଯାଇଛି। ଫଳରେ ଲକ୍ଷ ଲକ୍ଷ ଆଶାୟୀ ଛାତ୍ରଛାତ୍ରୀ ଅତ୍ୟଧିକ ମାନସିକ ଚାପ ଏବଂ ଦୁଶ୍ଚିନ୍ତା ମଧ୍ୟ ଦେଇ ଗତି କରୁଛନ୍ତି ବୋଲି ଏଠାରେ କୁହାଯାଇଛି। ଛାତ୍ରଛାତ୍ରୀ ଅନେକ ଟଙ୍କା ଖର୍ଚ୍ଚ କରିଛନ୍ତି ପରୀକ୍ଷା ଫର୍ମ ପୂରଣ ପାଇଁ। ଶହ ଶହ କିଲୋମିଟର ଯାତ୍ରା କରିଛନ୍ତି ପରୀକ୍ଷା ଦେବାପାଇଁ। କେବଳ ଏତିକି ନୁହେଁ ବର୍ଷ ବର୍ଷ, ମାସ ମାସ ଧରି ଏହି ପରୀକ୍ଷା ଗୁଡ଼ିକର ପ୍ରସ୍ତୁତି ପାଇଁ ସେମାନଙ୍କ ଯୌବନର ଅଧିକାଂଶ ସମୟ ବ୍ୟୟ କରିଛନ୍ତି। ଏନ୍.ଟି.ଏର ବ୍ୟାପକ ଦାୟିତ୍ୱହୀନ ମନୋଭାବ, ଅକ୍ଷମତା, ସ୍ୱଚ୍ଛତାର ଅଭାବ ଲକ୍ଷ ଲକ୍ଷ ଆଶାୟୀ ଛାତ୍ରଛାତ୍ରୀଙ୍କ ଆଶା ଏବଂ ଭବିଷ୍ୟତକୁ ଧୂଳିସାତ କରିଦେଇଥିବା ଏଠାରେ ଅଭିଯୋଗ ହୋଇଛି। ଏଥିସହିତ ଏନ୍.ଟି.ଏ କୁ ସମ୍ପୂର୍ଣ୍ଣ ରଦ୍ଦ କରିବା, କେନ୍ଦ୍ର ଶିକ୍ଷା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା, ନିଟ୍-ୟୁଜି, ୟୁଜିସି-ନେଟ୍ ଏବଂ ନିଟ୍-ପିଜି ସମ୍ବନ୍ଧରେ ସମ୍ପୃକ୍ତ ମହା ଦୁର୍ନୀତିର ଉଚ୍ଚସ୍ତରୀୟ ନିରପେକ୍ଷ ନ୍ୟାୟିକ ତଦନ୍ତ କରିବା ଓ ସମ୍ପୃକ୍ତ ଅପରାଧୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ଏଆଇଡ଼ିଏସଓ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇଡିଏସ୍ ଓ ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ଜିଲ୍ଲା ସମ୍ପାଦକ ନାରାୟଣ ସାହୁ, ଜିଲ୍ଲା ଉପସଭାପତି ପପୁନ ସାହୁ ସମେତ କିସାନ୍ କୁମାର ସାହୁ, ଶୁଭସ୍ମିତା ପାଣିଗ୍ରାହୀ, କାମରାଜ ସାହୁ, ଆଦି କର୍ମୀ ସହ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଏମ୍‌କେସିଜି ମେଡିକାଲ କଲେଜ କ୍ୟାମ୍ପସ୍‌ର ସୁରକ୍ଷାକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

ବ୍ରହ୍ମପୁର, ୨୪।୬(ସମିସ)



ବିଭିନ୍ନ ସମୟରେ ଏମକେସିଜି ମେଡିକାଲ ପରିସର ରୋଗୀ ଓ କର୍ମଚାରୀଙ୍କ ନିମନ୍ତେ ଅସୁରକ୍ଷିତ ରହୁଥିବା ନେଇ ଅଭିଯୋଗ ହୋଇଛି। କେତେବେଳେ ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟ ଚୋରି ଏବଂ ଲୁଟର ଶିକାର ହେଉଛନ୍ତି ତ ପୁଣି କେତେବେଳେ ଡାକ୍ତର ଓ ଛାତ୍ରଛାତ୍ରୀ ମଧ୍ୟ ଏଭଳି ଶିକାର ହେଉଥିବା ନଜିର ରହିଛି। ମେଡିକାଲ ପରିସର ବର୍ତ୍ତମାନ ଅସାମାଜିକ ତତ୍ୱଙ୍କ ଆ‡ାସ୍ଥଳୀ ପାଲଟିଛି। ଫଳରେ ଦିନକୁ ଦିନ କ୍ୟାମ୍ପସରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ଘଟଣା ନେଇ ଏମକେସିଜି ମେଡିକାଲ କଲେଜ କର୍ତୃପକ୍ଷ ଅବଗତ ହେବା ସହ ତତ୍ପରତା ପ୍ରକାଶ କରିଛନ୍ତି। ସୋମବାର କ୍ୟାମ୍ପସର ସୁରକ୍ଷାକୁ ନେଇ ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ଜରୁରୀ ତଥା ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ଏଥିରେ ବ୍ରହ୍ମପୁର ଏସପି ଦାୟିତ୍ୱରେ ଥିବା ଆଇଜି ଡ଼ା. ସାର୍ଥକ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଭାରପ୍ରାପ୍ତ ଡିନ ପ୍ରଫେସର ଡ଼ା. ସୁଚିତ୍ରା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଉପାଧ୍ୟକ୍ଷ ଡ଼ା. ଦୁର୍ଗା ମାଧବ ଶତପଥୀ, ଡ଼ା. ନରେନ୍ଦ୍ର ବେହେରା, ଆନାଟୋମି ବିଭାଗର ମୁଖ୍ୟ ଡ଼ା. ଜେ ସାଗର ପୃଷ୍ଟି, ଡ଼ା. ସତ୍ୟ ସ୍ୱରୂପ ପଟ୍ଟନାୟକ, ପିଜି ଛାତ୍ରସଂଘର ସଭାପତି ଡ଼ା ସୁଭାଶିଷ ଦାସ, ସାଧାରଣ ସମ୍ପାଦକ ଡ଼ା ଜ୍ୟୋର୍ତିମୟୀ ମିଶ୍ର, ୟୁଜି ଛାତ୍ରସଂଘର ସଭାପତି କୃଷ୍ଣକୁମାର ମହାପାତ୍ର, କୋଷାଧ୍ୟକ୍ଷ ପ୍ରତ୍ୟୁଷ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ମେଡିକାଲ କ୍ୟାମ୍ପସର ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ସଞ୍ଜ ନଇଁବା ସାଙ୍ଗକୁ ମେଡିକାଲ ପରିସରର ବିଭିନ୍ନ ସ୍ଥାନରେ କିଛି ଅସାଧୁ ବ୍ୟକ୍ତି ଏକତ୍ରିତ ହୋଇଥାନ୍ତି। ସେମାନେ ସେଠାରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପକୁ ନେଇ ଯୋଜନା କରିଥାନ୍ତି। ଏପରିକି ସେମାନେ ବିଭିନ୍ନ ସମୟରେ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର କରିବାକୁ ମଧ୍ୟ ପଛାଉନାହାନ୍ତି। ସେଭଳି ବ୍ୟକ୍ତିଙ୍କୁ ପୁଲିସ ଚିହ୍ନଟ କରିବା ସହ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ମେଡିକାଲ ପରିସରରେ ନିୟମିତ ବ୍ୟବଧାନରେ ପାଟ୍ରୋଲିଂକୁ ତ୍ୱରାନ୍ୱିତ କରାଯିବ। ମେଡିକାଲ ପରିସରରେ ଥିବା ବହୁ ଅବ୍ୟବହୃତ କୋଠାରେ ଅସାମାଜିକ ଯୁବକମାନେ ନିଶା ସେବନ କରିବାରେ ବ୍ୟବହାର କରୁଛନ୍ତି। ସେହି କୋଠାଗୁଡ଼ିକୁ ଚିହ୍ନଟ କରି ମେଡ଼ିକାଲର ସୁରକ୍ଷାକର୍ମୀଙ୍କୁ ସେଠାରେ ନିୟୋଜିତ କରାଯିବ। ଏବଂ ବିଭିନ୍ନ ସ୍ଥାନରେ ଶତାଧିକ ସିସିଟିଭି କ୍ୟାମେରା ସ୍ଥାପିତ ହୋଇଥିଲେ ହେଁ ସେଥିମଧ୍ୟରୁ ଅନେକ ସିସିଟିଭି କ୍ୟାମେରା ଅଚଳ ହୋଇପଡ଼ିଛି। ଯାହାର ସୁଯୋଗ ନେଇ ମେଡିକାଲ ପରିସରରେ ହେଉଥିବା ଚୋରି ଓ ଲୁଟ୍ ଭଳି ଘଟଣାରେ ପୁଲିସକୁ ତଦନ୍ତ କରିବାରେ ସମସ୍ୟା ହେଉଛି। ତେଣୁ ଅଚଳ ସିସିଟିଭି କ୍ୟାମେରା ଗୁଡ଼ିକୁ ତୁରନ୍ତ ମରାମତି ପାଇଁ ଡିନ୍ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ମେଡିକାଲ ପରିସରରେ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ କିନ୍ନରମାନେ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଦେଖିବାକୁ ମିଳୁଛି। ତାହାକୁ ତୁରନ୍ତ ବନ୍ଦ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ମେଡିକାଲ ପରିସରରେ ଅନୁପ୍ରବେଶ କରୁଥିବା ବ୍ୟକ୍ତିବିଶେଷଙ୍କୁ କ୍ୟାମ୍ପସରୁ ହଟାଯିବ। ସେହିପରି ରାତ୍ରି ୧୦ଟା ପରେ ଜରୁରୀ ଆବଶ୍ୟକ ନଥିଲେ ବାହାରେ ନବୁଲିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା। କ୍ୟାମ୍ପସର ସୁରକ୍ଷାକୁ ନେଇ ହୋଇଥିବା ବୈଠକକୁ ନେଇ ସମସ୍ତେ ସନ୍ତୋଷ ପ୍ରକାଶ କରିଥିବା ବେଳେ ଏହା କେତେଦୂର କାର୍ଯ୍ୟକାରୀ କରାଯାଉଛି ଓ କେତେ ଦିର୍ଘସ୍ଥାୟୀ ହୋଇପାରୁଛି ତାକୁ ନେଇ ସମସ୍ତଙ୍କର ରହିଛି ଅପେକ୍ଷା।

ଏସ୍‌ପିଙ୍କ ସହ ଆଲୋଚନା କଲେ ମେଡିକାଲ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରସଂଘର କର୍ମକର୍ତ୍ତା

ଅପରାଧିକ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବନି

ଅବ୍ୟବହୃତ କୋଠାକୁ ଜଗିବେ ସୁରକ୍ଷା କର୍ମୀ

ଅଚଳ ସିସିଟିଭି କ୍ୟାମେରାର ତୁରନ୍ତ ମରାମତି ପାଇଁ ଡିନ୍‌ଙ୍କ ନିର୍ଦ୍ଦେଶ

ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ତିରୋଧାନ ଦିବସରେ ଜନସଭା

## ‘ଓଡ଼ିଶାରେ ନିଶା ନିବାରଣ ଆଇନ କାର୍ଯ୍ୟକାରୀ ହେଉ’



**ବ୍ରହ୍ମପୁର, ୨୪।୬(ସମିସ):** ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ନେତା ନବକୃଷ୍ଣ ଚୌଧୁରୀଙ୍କ ୪୦ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଫୋଟ ଚିତ୍ରରେ ମାଲ୍ୟାର୍ପଣ କରାଯାଇଛି। ସମାଜସେବୀ ଦେବରାଜ ଦାଶଙ୍କ ଅଧ୍ୟକ୍ଷତାରେ ମଦ ମୁକ୍ତ ଓଡ଼ିଶା ଗଠନ ଦାବିନେଇ ଏକ ଜନସଭା ଆୟୋଜିତ ହୋଇଥିଲା। ମେଡିକାଲ କଲେଜ ପରିସରରେ ଆୟୋଜିତ ଏହି ସଭାରେ ଓଡ଼ିଶା ଓ ଓଡ଼ିଶାବାସୀଙ୍କୁ ନବକୃଷ୍ଣ ଚୌଧୁରୀଙ୍କ ବଳିଷ୍ଠ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ୧୯୫୪ମସିହାରେ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ ନିଶା ନିବାରଣ ଆଇନକୁ ଲାଗୁ କରାଯାଇଥିଲା। ମଦର ପ୍ରଚାର ପ୍ରସାର ଯୋଗୁଁ ଆଜି ଓଡ଼ିଶାରେ ଲୋକଙ୍କ ସ୍ୱାସ୍ଥ୍ୟ ଗତ ସମସ୍ୟା ବୃଦ୍ଧି ସହ ଆର୍ଥିକ ଭାବେ ସେମାନଙ୍କୁ ବିପର୍ଯ୍ୟସ୍ତ ପରିସ୍ଥିତି ମଧ୍ୟକୁ ଠେଲି ଦିଆଯାଇଛି। ସାଂସ୍କୃତିକ ଭାବେ ଅଧପତନ ଘଟି ଲୋକଙ୍କ ସାମାଜିକ ଚଳଣି ଗଭୀର ଭାବେ ପ୍ରଭାବିତ ଘଟୁଛି ବୋଲି ଏଠାରେ କୁହାଯାଇଛି। ଏଥିଯୋଗୁଁ ଛାତ୍ର ଯୁବକମାନଙ୍କ ଭବିଷ୍ୟତ ଧ୍ୱଂସ ହେବା ସହ ଦେଶକୁ ଅନ୍ଧାର ଭବିଷ୍ୟତ ଆଡକୁ ଠେଲିଦିଆଯାଉଛି। ବର୍ତ୍ତମାନ ରାଜ୍ୟର ବିଭିନ୍ନ ସହର ଗାଁ ତଥା ପ୍ରତ୍ୟେକ ଛକ ଠାରେ ଦେଶୀ ବିଦେଶୀ ମଦ ଦୋକାନ ଖୋଲି ଦିଆଯାଇଛି। ଏଣୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ଲାଗୁକରାଯାଇଥିବା ନିଶା ନିବାରଣ ଆଇନକୁ ଦୃଢ଼ତାର ସହ କାର୍ଯ୍ୟକାରୀ କରିବା ପାଇଁ ଆଜି ବୈଠକରେ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ସୁବାଷ ଚନ୍ଦ୍ର ମିଶ୍ର, ଆର. ସତ୍ୟ ନାରାୟଣ ରାଓ, ଜୟକୃଷ୍ଣ ନାୟକ, ପି. ଶଙ୍କର ରାଓ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଅଶୋକ ଦଳାଇ, ବି. ଭଗବତୀ ରାଓ, ଅଳକାନାଥ ମିଶ୍ର, ବିଜୟ ଚନ୍ଦ୍ର ବିଶୋଇ, ରତ୍ନପୂର୍ଣ୍ଣ ପ୍ରଧାନ, ଡ. ଡମ୍ବରୁଧର ସାହୁ, କାହ୍ନୁ ଚରଣ ପାତ୍ର, ଅବନୀ ଗୟା ପ୍ରମୁଖ ସଭାରେ ମତ ବ୍ୟକ୍ତ କରିଥିଲେ। ଶେଷରେ ବିଜୟ ଚନ୍ଦ୍ର ବିଶୋଇ ଧନ୍ୟବାଦ ଜଣାଇଥିଲେ।

## ଜ୍ୱାଇଁ ଘର ଆଗରେ ଶ୍ୱଶୁରଙ୍କ ବାଇକ୍ ଚୋରି

ବ୍ରହ୍ମପୁର, ୨୪।୬(ସମିସ): ସଦର ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମରୁ ଏକ ବାଇକ ଚୋରି ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ପାଟପୁର ଥାନା ଅନ୍ତର୍ଗତ ବାଙ୍ଗରୁଡ଼ା ଗ୍ରାମ ନିବାସୀ ବୃନ୍ଦାବନ ସେଠୀ (୬୦) ଗତ ୨୨ତାରିଖରେ ନିଜ ଝିଅର ଶାଶୂ ଘର(ନାରାୟଣପୁର)କୁ ଆସିଥିଲେ। ଝିଅ ଶାଶୂ ଘର ସମ୍ମୁଖରେ ଗାଡ଼ି ରଖି ଘର ଭିତରକୁ ଯାଇଥିଲେ। ସେଠାରୁ ଫେରିବା ପରେ ଘର ସମ୍ମୁଖରେ ବାଇକଟି ନଥିବା ଦେଖି ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ପରେ ଜାଣିବାକୁ ପାଇଲେ ଯେ କୌଣସି ଦୁର୍ବୃତ୍ତ ଉକ୍ତ ବାଇକଟିକୁ ଚୋରି କରି ନେଇଯାଇଛି। ଘଟଣାକୁ ନେଇ ବୃନ୍ଦାବନ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଖୋଲିଲା ସ୍କୁଲ

# ଶିକ୍ଷକଙ୍କୁ ମଧ୍ୟାହ୍ନ ଭୋଜନ ଚିନ୍ତା

ଶେରଗଡ଼, ୨୪।୬(ସମିସ): ମୌସୁମୀର ଆଗମନ ଫଳରେ ସ୍ୱାଭାବିକ ଭାବେ ୧୦ଟା ବେଳେ ଖୋଲିଛି ସ୍କୁଲ। ହେଲେ ଶିକ୍ଷକଙ୍କୁ ଘାରିଛି ମଧ୍ୟାହ୍ନ ଭୋଜନ ଚିନ୍ତା। ଆକାଶଛୁଆଁ ଦର ବୃଦ୍ଧିରେ କିପରି ପ୍ରସ୍ତୁତ କରାଯିବ ମଧ୍ୟାହ୍ନ ଭୋଜନ ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଶିକ୍ଷକ। ବର୍ତ୍ତମାନ ସ୍ଥିତିରେ ଖାଦ୍ୟ ପଦାର୍ଥ ତଥା ଅତ୍ୟାବଶ୍ୟକ ସାମଗ୍ରୀର ଦର ଯେଉଁ ଭଳି ଭାବେ ହୁ ହୁ ହୋଇ ବଢ଼ିଚାଲିଛି, ତାହାକୁ ନେଇ ଲୋକମାନେ କଣ ଖାଇବେ ଚିନ୍ତାରେ ପଡ଼ିଛନ୍ତି। ଏହାର ପ୍ରଭାବ ସ୍କୁଲରେ ପିଲାଙ୍କ ମଧ୍ୟାହ୍ନ ଭୋଜନ ଉପରେ ପଡ଼ିଛି। ଗୋଟିଏ ପଟେ ସରକାର ମଧ୍ୟାହ୍ନ ଭୋଜନର ଦର ପ୍ରାଥମିକ ସ୍ତରରେ ମୁଣ୍ଡ ପିଛା ୩ ପଇସା, ଉଚ୍ଚ ମାଧ୍ୟମିକ ସ୍ତରରେ ୭ ପଇସା ବୃଦ୍ଧି କରିଛନ୍ତି। ଏକ ସୂଚନା ଅନୁଯାୟୀ, ପ୍ରାଥମିକ ସ୍ତରରେ ମୁଣ୍ଡ ପିଛା ରାସନ ସାମଗ୍ରୀର ଦର ୫ ଟଙ୍କା ୪୨ ପଇସା ରହିଥିବା ବେଳେ ନୂତନ ନିୟମରେ ଏହାକୁ ୫ ଟଙ୍କା ୪୫ ପଇସା ଏବଂ ଉଚ୍ଚ ପ୍ରାଥମିକ ସ୍ତରରେ ୫ ଟଙ୍କା ୧୦ ପଇସା ରହିଥିବା ବେଳେ ନିୟମ ଅନୁସାରେ ୮ ଟଙ୍କା ୧୭ ପଇସା କରାଯାଇଥିଲା। ପୂର୍ବ ତୁଳନାରେ ଏବେ ଖାଦ୍ୟ



ସାମଗ୍ରୀର ଦର ପ୍ରାୟ ୪ରୁ ୫ ଗୁଣ ବୃଦ୍ଧି ପାଇଛି। ଖୋଲା ବଜାରରେ ଏବେ ସାଧାରଣ ଅଣ୍ଡାର ଦର ୬ରୁ ୭ ଟଙ୍କା ହୋଇଥିବା ବେଳେ ଡାଲି, ସୋୟା, ତେଲ, ମସଲା ଏବଂ ପରିବାର ଦର ଆକାଶଛୁଆଁ ରହିଛି। ୭୦ରୁ ୮୦ ଟଙ୍କାରେ ମିଳୁଥିବା ଡାଲି ବର୍ତ୍ତମାନ ୧୭୦ରୁ ୧୮୦ ଟଙ୍କା ଟପିଥିବା ବେଳେ ପରିବା ଦର ପ୍ରାୟ ୫ ଗୁଣ ବୃଦ୍ଧି ପାଇଛି। ଏପରି ସ୍ଥଳେ ମଧ୍ୟାହ୍ନ ଭୋଜନ ସାମଗ୍ରୀର ଦର ବିସ୍ମିତ କରିଛି। ବର୍ତ୍ତମାନ ବଜାରରେ ପ୍ରତ୍ୟେକ ଜିନିଷର ଦରବୃଦ୍ଧି ସାଙ୍ଗକୁ ପରିବା ଦର କିଲୋ ପିଛା ୭୦ ଟଙ୍କାରୁ ତଳକୁ ଖସୁନାହିଁ। ଏପରି ସ୍ଥିତିରେ ଶିକ୍ଷକ କେଉଁଠାରୁ ଆଣି ପିଲାଙ୍କୁ ସୁଷମ ମଧ୍ୟାହ୍ନ ଭୋଜନ ଦେବେ, ସେନେଇ ଚିନ୍ତାରେ ପଡ଼ିଛନ୍ତି। ସରକାରଙ୍କ ନିୟମ ରହିଛି ସୋମବାର, ଗୁରୁବାରରେ ଭାତ, ଡାଲମା, ମଙ୍ଗଳବାର ଓ ଗୁରୁବାର ଭାତ, ସୋୟାବିନ ଏବଂ ବୁଧବାର, ଶୁକ୍ରବାର ଭାତ ଅଣ୍ଡା ତରକାରୀ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ତେବେ ୫ ଟଙ୍କା ୪୫ ପଇସାରେ ବଜାରରୁ ତେଲ, ଲୁଣ, ପନିପରିବା କିଣି ପିଲାଙ୍କୁ ରୋଷେଇ କରି ଖାଇବାକୁ ଦେବା ସମ୍ଭବ ହେଉନାହିଁ।

## ସ୍ନେହ ମିଳନ କାର୍ଯ୍ୟକ୍ରମ



ପୋଲସରା, ୨୪।୬(ସମିସ): ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ କାଳୀ ମନ୍ଦିର ସାହିସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶିବ ବରଦାନ ଭବନରେ ଏକ ସ୍ନେହ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମାତେଶ୍ୱରୀ ଜଗଦମ୍ବାଙ୍କ ସ୍ମୃତି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ, ଏମ୍.ଏସ୍.ଏମ୍.ଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବ୍ରହ୍ମା କୁମାରୀ ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ରୀତା ଭଉଣୀ ସଂଯୋଜନା କରିଥିଲେ। ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଈଶ୍ୱରୀୟ ଉପହାର ଦେଇ ଭବ୍ୟ ସ୍ୱାଗତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ, ସମାଜସେବୀ କେ ନୀଳମାଧବ ଆଚାରୀ, ମୋତିରାମ ସାହୁ, ଆଶୋକ ଭାଇ, ଦୀପ୍ତି ଭଉଣୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମଳିକ ଆଧ୍ୟାତ୍ମିକ ଚିନ୍ତାଧାରା ଦ୍ୱାରା ମନ ଏକାଗ୍ରତା ଆସିଥାଏ ଏବଂ ଚଞ୍ଚଳ ମନକୁ ସ୍ଥିର କରିବା ପାଇଁ ହେଲେ ଆଧ୍ୟାତ୍ମିକ ଚିନ୍ତନ ନିହାତି ଆବଶ୍ୟକ ବୋଲି କହିଥିଲେ। ପୋଲସରା ବ୍ରହ୍ମା କୁମାରୀ ସେବା କେନ୍ଦ୍ରର ବଳରାମ ଭାଇ ସମେତ ଅନ୍ୟ ସଦସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ।

● ବୁଦ୍ଧଖୋଲ ଉନ୍ନୟନ ସମିତିର ବୈଠକ

## ସଭାପତି ଦାୟିତ୍ୱ ନେଲେ ମନ୍ତ୍ରୀ



ବୁଗୁଡ଼ା, ୨୪।୬(ସମିସ): ସୋମବାର ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ବୁଦ୍ଧଖୋଲ ସମ୍ମିଳନୀ କକ୍ଷରେ ନବନିର୍ବାଚିତ ବିଧାୟକ ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ସମିତିର ନିୟମ ପ୍ରକାରେ ବିଧାୟକ ତଥା ମନ୍ତ୍ରୀ ଶ୍ରୀ ମଳିକଙ୍କୁ ସଭାପତି ଦାୟିତ୍ୱ ଅର୍ପଣ କରାଯାଇଥିଲା। ଦାୟିତ୍ୱ ଗ୍ରହଣ କରିବା ପରେ ସବୁ ବର୍ଗର ଲୋକଙ୍କୁ ନେଇ ନୂତନ କମିଟି ଗଠନ କରିବା ସହ ବୁଦ୍ଧଖୋଲର ସର୍ବାଙ୍ଗୀନ ଉନ୍ନତି ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, କେ.ନୀଳମାଧବ ଆଚାରୀ, ବ୍ଲକ ଉପାଧ୍ୟକ୍ଷ ମାନସ ପ୍ରଧାନ, ରେଞ୍ଜର ପ୍ରଦୀପ କୁମାର ମିଶ୍ର, ବିଜେପି ନେତା ହରିହର ସାହୁ, ଗଙ୍ଗାଧର ବିଷୋୟୀ, ବୁଦ୍ଧଖୋଲ ଉନ୍ନୟନ ସମିତିର କାର୍ଯ୍ୟକାରୀ ସଭାପତି ଧରଣୀଧର ପଣ୍ଡା, ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ, କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର



ବେଲଗୁଣ୍ଠା, ୨୪।୬(ସମିସ): ବେଲଗୁଣ୍ଠା ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟର ଥିବା ସମସ୍ୟା ନେଇ ସୋମବାର ବେଲଗୁଣ୍ଠା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଶେଷ କରି ବ୍ଲକରେ ଏକକ ଶିକ୍ଷକ ଥିବା ବିଦ୍ୟାଳୟ ଗୁଡ଼ିକର ଶିକ୍ଷକ ସମସ୍ୟା ସମାଧାନ ଏବଂ ୨୦୨୩-୨୪ ଶିକ୍ଷା ବର୍ଷରେ ମାଗଣା ପୋଷାକରୁ ବଞ୍ଚିତ ଛାତ୍ରଛାତ୍ରୀଙ୍କୁ ଯଥାଶୀଘ୍ର ପୋଷାକ ପ୍ରଦାନ ସମ୍ପର୍କରେ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଥିଲା। ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡାଙ୍କ ନେତୃତ୍ୱରେ ଉପସଭାପତି ଶଲ୍ୟ ସିଅ, କୋଷାଧ୍ୟକ୍ଷ ଶଙ୍କରନାରାୟଣ ସେଠୀ, ଉପଦେଷ୍ଟା ଶୀତଳ ପ୍ରସାଦ ଜେନା, ରବୀନ୍ଦ୍ର ପାତ୍ର, କ୍ଲଷ୍ଟର୍ ଇନ୍‌ଚାର୍ଜ କାଳୁଚରଣ ଗୌଡ଼, ମନୋଜ ପଟ୍ଟନାୟକ, ରମେଶ୍ କୁମାର ପାଣିଗ୍ରାହୀ, ଶିଶିର କୁମାର ସ୍ୱାଇଁ ପ୍ରମୁଖ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ଏବଂ ବରିଷ୍ଠ କିରାଣୀ ଶରତଚନ୍ଦ୍ର ରଥଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ।

ପଞ୍ଚାୟତ ସମିତିର ସମୀକ୍ଷା ବୈଠକ

## ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ: ବିଧାୟକ



ବେଲଗୁଣ୍ଠା, ୨୪।୬(ସମିସ): ବେଲଗୁଣ୍ଠା ପଞ୍ଚାୟତ ସମିତିର ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସୋରଡ଼ା ବିଧାୟକ ନୀଳମଣି ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବିଧାୟକ ଶ୍ରୀ ବିଷୋୟୀ ବ୍ଲକରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆ ନଯିବା ସହିତ ବେଲଗୁଣ୍ଠା ବ୍ଲକକୁ ରାଜ୍ୟରେ ଏକ ନମ୍ବର୍ ଭାବେ ଗଢ଼ି ତୋଳିବାକୁ ପ୍ରକାଶ କରିଥିଲେ। ବିଧାୟକ ନୀଳମଣି ବିଷୋୟୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବେଲଗୁଣ୍ଠା ବିଡିଓ ଭାରତୀ ଦେବୀ, ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ସୁଶାନ୍ତ ନାୟକ, ସମସ୍ତ ଜିଲ୍ଲା ପରିଷଦ, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଶ୍ରୀ ବିଷୋୟୀ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ବ୍ଲକ ଅଧ୍ୟକ୍ଷ ଥିଲେ। ଏହି ସମୟ ମଧ୍ୟରେ ଦୁର୍ନୀତି ବ୍ଲକର ଛାଇ ମାଡ଼ି ପାରିନଥିଲା ଓ ବର୍ତ୍ତମାନ ମଧ ମୁଁ କୌଣସି ପ୍ରକାର ଦୁର୍ନୀତିକୁ ପ୍ରଶ୍ରୟ ଦେବି ନାହିଁ ବୋଲି ପ୍ରକାଶ କରିଥିଲେ ବିଧାୟକ। ଏହା ସହ ବ୍ଲକରେ ହିତାଧିକାରୀ ଚୟନରେ ପାତର ଅନ୍ତର ନୀତି ଛାଡ଼ି ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ନିକଟରେ ସରକାରୀ ସୁବିଧା ସୁଯୋଗ ପହଞ୍ଚାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବିଡିଓ ଭାରତୀ ଦେବୀ ବୈଠକ ପରିଚାଳନା କରିଥିବା ବେଳେ ବ୍ଲକ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣବାସୀ ନାୟକ, ସୁଧୀର କୁମାର ଜେନା, ବିଦ୍ୟାଧର ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ବିଧାୟକ ଶ୍ରୀ ବିଷୋୟୀ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟଜଳ ଯୋଗାଣ ଭଳି ବିଭାଗଗୁଡ଼ିକରେ ଥିବା ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ଦିଗରେ ଉଚିତ୍ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସହକାରୀ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ପିଇଓ, ସରପଞ୍ଚ, ସମିତିସଭ୍ୟଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟ କିରାଣୀ ଏସକେ ପରିଛା ଧନ୍ୟବାଦ ଜ୍ଞାପନ କରିଥିଲେ।

## ସାମାଜିକ ଲିଙ୍ଗ ଭିତ୍ତିକ ସମତା ଓ ପାଠ୍ୟକ୍ରମରେ ସଂଯୋଗକୁ ନେଇ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର



ବ୍ରହ୍ମପୁର, ୨୪।୬(ସମିସ): ସ୍ଥାନୀୟ ଭି. ଭି ଗିରି ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ସାମାଜିକ ଲିଙ୍ଗ ଭିତ୍ତିକ ସମତା ଓ ପାଠ୍ୟକ୍ରମରେ ସଂଯୋଗକୁ ନେଇ ଏକ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ ପ୍ରଧାନ, ଚିତ୍ତରଞ୍ଜନ ପାଣ୍ଡେ, ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାର ସମସ୍ତ ବିଦ୍ୟାଳୟର କିଭଳି ଲିଙ୍ଗ ଭିତ୍ତିକ ଅସମାନତା ଦୂର କରାଯାଇପାରିବ। ଏନେଇ ଉପସ୍ଥିତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ରେକ ଥ୍ରୁ ଟ୍ରଷ୍ଟର ବରିଷ୍ଠ ପରିଚାଳକ କେ. ସନ୍ତୋଷ କୁମାର ପାତ୍ର, ପରାମର୍ଷଦାତ୍ରୀ ପ୍ରଣତି ମିଶ୍ର, ଜିଲ୍ଲା ଜେଣ୍ଡର ସଂଯୋଜକ ଜ୍ୟୋତି ପ୍ରକାଶ ରଥ, ସଦସ୍ୟ ଶାନ୍ତିଲତା ନାୟକ, ମଳୟ କୁମାର ମହାପାତ୍ର, ଅଳକା ପ୍ରଧାନ ସମତେ ବହୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ। ଫଟୋ କ୍ୟାପସନ ଏଣିକି ସମସ୍ତ ଶୌଚାଳୟ ମହିଳା ଓ ପୁରୁଷ ସମେତ ତୃତୀୟ ଲିଙ୍ଗୀଙ୍କ ପାଇଁ ରହିବ ସୂଚନା ଫଳକ ବୋଲି ଏଠାରେ କୁହାଯାଇଛି।

● ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ

## ସୁନାଅଳଙ୍କାର ଲୁଟିଲେ ଦୁଇ ଦୁର୍ବୃତ୍ତ

ଦିଗପହଣ୍ଡି, ୨୪।୬(ସମିସ): ଦିଗପହଣ୍ଡି ବ୍ଲକ ଜକର ଗ୍ରାମର ନୂଆସାହି ବାସିନ୍ଦା ଏମ୍. କୁମାରୀ ସୁବୁଦ୍ଧି ନାମ୍ନୀ ଜଣେ ବୃଦ୍ଧାଙ୍କ ଘରେ ପଶି ସୋମବାର ଅପରାହ୍ନ ପ୍ରାୟ ୨ଟାରେ ଦୁଇ ଦୁର୍ବୃତ୍ତ ମାଡ଼ ମାରି ସୁନା ଅଳଙ୍କାର ଲୁଟ୍ କରିଥିବା ଜଣାପଡ଼ିଛି। କେ . ନୂଆଗାଁ ପୁଲିସ ପହଞ୍ଚି ଜଣେ ନାବାଳକ ସମେତ ଉକ୍ତ ଗ୍ରାମର ଯୁବକ ଚୁଡ଼ା ବିଷୋୟୀଙ୍କୁ ଗିରଫ କରିଛି। ଲୁଟେରା ଦ୍ୱୟ ଗତ କିଛିଦିନ ଧରି ବୃଦ୍ଧାଙ୍କ ଘରକୁ ଯାଇ ଭଲମନ୍ଦ କଥାବାର୍ତ୍ତା ହୋଇ ଆସୁଥିଲେ। ସୋମବାର ଦିନ ପ୍ରାୟ ୨ଟା ସମୟରେ ଘରେ ପୁଅ ବୋହୂ ନ ଥିବା ଦେଖି ଘରେ ପଶି ବୃଦ୍ଧାଙ୍କୁ ପ୍ରଥମେ ମାଡ଼ ମାରିଥିଲେ। ପରେ ବୃଦ୍ଧା ଜଣକ ତଳେ ପଡ଼ି ଯିବାପରେ ତାଙ୍କ ମୃତ୍ୟୁ ଘଟିଥିବା ଭାବି ଲୁଟେରା ମାନେ ତାଙ୍କ କାନ ଓ ନାକରୁ ସୁନା ଅଳଙ୍କାର ଛିଣ୍ଡାଇ ନେଇ ଘର ବାରିପଟ ରାସ୍ତାରେ ଚମ୍ପଟ ମାରିଥିଲେ। ପରବର୍ତ୍ତୀ ସମୟରେ ବୃଦ୍ଧାଙ୍କ ଚେତା ଫେରିବା ପରେ ବାହାରକୁ ଆସି ସାହି ପଡୋଶୀଙ୍କ ନିକଟରେ ଘଟଣା ସମ୍ପର୍କରେ କହିବା ସହ ଲୁଟେରାଙ୍କ ନାମ ପ୍ରକାଶ କରିଥିଲେ। ଏହାପରେ ଗ୍ରାମବାସୀ ବୃଦ୍ଧାଙ୍କ ପୁଅ ରାମାରାଓ ସୁବୁଦ୍ଧି ଓ ବୋହୂକୁ ଖବର ଦେବା ସହ ଲୁଟେରା ଦୁଇଜଣଙ୍କୁ କାବୁ କରିଥିଲେ। ଆହତ କୁମାରୀଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଥାନାରେ ଏତଲା ଦିଆଯାଇଥିଲା। ଅପରପକ୍ଷରେ ପୁଲିସ ପହଞ୍ଚି ଗ୍ରାମବାସୀଙ୍କ ଦ୍ୱାରା ଅଟକ ରଖାଯାଇଥିବା ଦୁଇଜଣଙ୍କୁ ଗିରଫ କରି ଲୁଟ୍ ଅଳଙ୍କାର କେଉଁଠାରେ ରହିଥିବା ନେଇ ଉଭୟଙ୍କୁ ଜେରା ଚଳାଇଛନ୍ତି। ରାମାରାଓଙ୍କ ଏତଲାକୁ ଭିତ୍ତିକରି ଥାନା ମାମଲା ନଂ.୨୦୫/୨୪ ଦଫା - ୪୫୨/୩୨୩/୩୦୭/୩୯୪/୩୪ ଆଇପିସି ଅନୁଯାୟୀ ମାମଲା ରୁଜୁ କରାଯାଇ ଉଭୟ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ଥାନା ଅଧିକାରୀ କିଶୋର ଚନ୍ଦ୍ର ସାମଲ କହିଛନ୍ତି।

ରୋଷେଇଶାଳରେ ଚଡ଼କ

## ପନିପରିବାର ଅହେତୁକ ମୂଲ୍ୟ ବୃଦ୍ଧି

ରମ୍ଭା, ୨୪।୬(ସମିସ): ସ୍ଥାନୀୟ ଅଞ୍ଚଳ ସମେତ ପାରିପାର୍ଶ୍ୱିକ ଗ୍ରାମାଞ୍ଚଳ ମାନଙ୍କରେ କ୍ରମାଗତ ଭାବେ କିଛି ଦିନ ଧରି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଦର ପରିଲକ୍ଷିତ ହୋଇଛି। ଚଢ଼ା ଦରକୁ ନେଇ ପଲ୍ଲୀଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ପନିପରିବାର ଅହେତୁକ ମୂଲ୍ୟ ବୃଦ୍ଧି ଖାଉଟିଙ୍କୁ କଲବଲ କରିଲାଣି। ଗୋଟେ ପଟେ ଖରାର ତାତି ବଢ଼ିବା ସହ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ଅନ୍ୟ ପଟେ ପନିପରିବାର ବଢ଼ିଥିବା ଦର ଥମିବାର ନା ନେଉନାହିଁ। ଗରିବ, ମତ୍ସ୍ୟଜୀବୀ, ଦିନମଜୁରିଆ, ଚାଷୀ, ମୂଲିଆମାନଙ୍କୁ ବ୍ୟାଗ ଧରି ପରିବା ବଜାରକୁ ଯିବା ପାଇଁ ଭୟ ଲାଗିଲାଣି। ଚାଷୀମାନେ ଚାହିଁ ବସିଛନ୍ତି ମୌସମୀ ଆସିଲେ କ୍ଷେତରେ ଚାଷ କରିବେ। କିନ୍ତୁ ନିଅଣ୍ଟିଆ ବର୍ଷା ପାରିପାର୍ଶ୍ୱିକ ଅଞ୍ଚଳକୁ



କଲବଲ କରିବା ସହ ଚାଷୀମାନଙ୍କୁ ଚିନ୍ତାରେ ପକାଇଛି। ରମ୍ଭା ବଜାରରେ ପିଆଜ, ଆଳୁ କିଲୋ ୪୦ ଟଙ୍କା ରହିଥିବା ବେଳେ ଫୁଲକୋବି ୮୦ ଟଙ୍କା, ପୋଟଳ ୪୦ ଟଙ୍କା, ଅଦା ଓ ରସୁଣ ୨୦୦ ଟଙ୍କାରୁ ପାର ହୋଇଛି। ସେହିପରି ଟମାଟୋ କିଲୋ ଶତକ ମାରିଛି। ବାଇଗଣ କିଲୋ ୫୦ ଟଙ୍କା, ଭେଣ୍ଡି କିଲୋ ୪୦ ଟଙ୍କା ରହିଛି। ଅମଳ କମ ବେଳକୁ ଚାହିଦା ଅଧିକା ରହିଥିବା କାରଣରୁ ଦର ବଢ଼ିବା ସ୍ୱାଭାବିକ ବୋଲି ବ୍ୟବସାୟୀ କହିଛନ୍ତି। କୁହାଯାଉଛି ଲୋକାଲ ପରିବା ବଜାରକୁ ଆସିଲେ ଦର କମିବ; କିନ୍ତୁ ଏଯାବତ ରାଜ୍ୟକୁ ନାସିକ ଏବଂ ବାଙ୍ଗାଲୋରରୁ ଆସୁଥିବା ଟମାଟୋ କୌଣସି ପ୍ରକାର କମ୍ପମାଇଜ ହୋଇପାରୁନାହିଁ ବୋଲି ଯୋଗାଣ ପରିବା ବେପାରୀମାନେ ଜଣାଇଛନ୍ତି। ଏଭଳି ସ୍ଥିତିରେ ହାଣ୍ଡିଶାଳ ଉପରେ ଏବେ ଚଡ଼କ ପଡ଼ିଛି।

ସ୍ୱାଧୀନ ବିଧାୟକ ପ୍ରାର୍ଥୀ ପିଣ୍ଟୁ ଦାଶଙ୍କୁ ଗିରଫ ପ୍ରତିବାଦରେ ଥାନା ଘେରାଉ ଘଟଣା

# କୋର୍ଟରେ ଆତ୍ମସମର୍ପଣ ପରେ ଜାମିନରେ ଗଲେ ଅଭିଯୁକ୍ତ ଉମେଶ

ବ୍ରହ୍ମପୁର, ୨୪।୬(ସମିସ): ଗତ ମେ ୧୩ତାରିଖରେ ବ୍ରହ୍ମପୁର ବିଜେପି ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଆକ୍ରମଣ ଘଟଣାରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କର ଦାଶ(ପିଣ୍ଟୁ)ଙ୍କୁ ଗୋଷାଣିନୂଆଗାଁ ଥାନା ପୁଲିସ ପ୍ରଥମେ ଅଟକ ରଖିଥିଲା। ପିଣ୍ଟୁଙ୍କୁ ଅଟକ ରଖାଯିବା ଖବର ପାଇ ତାଙ୍କର ଶହ ଶହ ସମର୍ଥକ ଥାନା ଆଗରେ ରାସ୍ତା ଅବରୋଧ କରି ଧାରଣା ଦେବା ସହ ପିଣ୍ଟୁଙ୍କୁ ନିଃସର୍ତ୍ତରେ ଛାଡ଼ିବାକୁ ଦାବି କରିଥିଲେ। ପିଣ୍ଟୁଙ୍କ ସମର୍ଥକଙ୍କ ଏଭଳି ବେଆଇନ କାର୍ଯ୍ୟକଳାପ ଯୋଗୁଁ ଥାନାକୁ ଆସୁଥିବା ଜନସାଧାରଣଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେପଟେ ପୁଲିସ କର୍ମଚାରୀଙ୍କୁ ମଧ୍ୟ ସମର୍ଥକମାନେ ଗାଳିଗୁଲଜ କରିଥିଲେ। ଏପରିକି ପିଣ୍ଟୁ ଦାଶଙ୍କୁ ନଛାଡ଼ିଲେ



ଫାଇଲ ଫଟୋ

ବୋମାମାଡ କରି ଥାନା ଓ ପୁଲିସ ଗାଡିକୁ ଜାଳି ଦେବାକୁ ଧମକ ଦେଇଥିଲେ। ସମର୍ଥକଙ୍କ ଆକ୍ରମଣରେ କିଛି ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଥିଲେ। ଏହି ଘଟଣାରେ ପୁଲିସ ବିଜିପୁର ଲକ୍ଷ୍ମୀସାହିର ଉମେଶ ଚନ୍ଦ୍ର ରଥ(୨୩), ଶାସ୍ତ୍ରୀନଗରର ଅନୀଲ ନାୟକ, ନେହୁରୁନଗରର ତଥା ସମାଜସେବୀ ପ୍ରମିଳା ତ୍ରିପାଠୀ, ଚାରିଡିବା ସାହିର ନିଖିଳେଶ ପାତ୍ର, ବ୍ରଜରାଜନଗରର ସାଇ ପାଣିଗ୍ରାହୀ, ଲିଙ୍ଗରାଜନଗରର ସଚିନ ଚୌଧୁରୀ, ଗୋଷାଣିନୂଆଗାଁର ଲେମ୍ବୁ, ଗୁଣ୍ଡିଚାମନ୍ଦିର ସାହିର ସ୍ମୃତି ପଣ୍ଡା, ଚଣ୍ଡିମନ୍ଦିର ସାହିର ସନ୍ତୋଷ ସାହୁ, ଆସିକାରୋଡର ବ୍ରହ୍ମାନନ୍ଦ ସାହୁ, ହାଉସିଂବୋର୍ଡର ବୁଢୁ ମହାନ୍ତି, ମୁନା ଚୌଧୁରୀ, ବ୍ରହ୍ମନଗର ଦ୍ୱିତୀୟ ଲାଇନର ଜଗତନନ୍ଦ ଦାସ, ଗଜପତିନଗରର ରାଜଲକ୍ଷ୍ମୀ ସାହୁ, କେନାଲ ସାହିର ମାମି ସାହୁ, ତୋଟାସାହିର ପିଲୁ ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ପ୍ରାୟ ୨୦୦ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇ ସେମାନଙ୍କ ନାଁରେ ମାମଲା ରୁଜୁ କରିଥିଲା। ଏହି ମାମଲାରେ ସମ୍ପୃକ୍ତଥିବା ଅଭିଯୁକ୍ତ ଉମେଶଚନ୍ଦ୍ର ରଥ ଆଗୁଆ ଜାମିନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ଉମେଶଙ୍କୁ ବ୍ରହ୍ମପୁର କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିକ୍ରମେ ଉମେଶ ସୋମବାର ଏସଡିଜେଏମଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ତାଙ୍କ ଓକିଲ ହାଇକୋର୍ଟରୁ ମିଳିଥିବା ଜାମିନ ସମ୍ପର୍କିତ ଆବଶ୍ୟକ କାଗଜପତ୍ର କୋର୍ଟରେ ଦାଖଲ କରିବା ପରେ କୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।



### କାମରେ ଲାଗୁନି ବାୟୋଫ୍ଲକ୍ ମାଛଚାଷ କେନ୍ଦ୍ର

# ଖତଖାଉଛି ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ, କ୍ଷତି ସହୁଛନ୍ତି ଏସ୍ଏଚ୍ଜି





ଫିରିଙ୍ଗିଆ,୨୪।୬(ସମିସ)

ରାଜ୍ୟରେ ମହିଳାଙ୍କୁ ସ୍ୱବଲମ୍ବୀ କରିବା ପାଇଁ ମିଶନ ଶକ୍ତି ମାଧମରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ସବୁ ଯୋଜନା ମଧ୍ୟରୁ କିଛି ଯୋଜନା ସଫଳ ହୋଇଥିବା ବେଳେ ଆଉ କିଛି ଯୋଜନାରେ ମହିଳା ସ୍ୱାବଲମ୍ବୀ ହେବା ପରିବର୍ତ୍ତେ କ୍ଷତି ସହୁଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା କ୍ଷତି ସହିଥିବା ଏକ କାର୍ଯ୍ୟକ୍ରମ ହେଲା ବାୟୋ ଫ୍ଲୋକ ମାଛଚାଷ। ସୂଚନା ଅନୁସାରେ ଗତ ୨୦୨୧/୨୨ ଆର୍ଥିକ ବର୍ଷରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ରେ ଥିବ ଘାଟିସାହିରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ୩ ଲକ୍ଷ ୫୦ ହଜାର ବ୍ୟୟ ଅଟକଳରେ ପରୀକ୍ଷା ମୂଳକ ଭାବରେ ବାୟୋ ଫ୍ଲୋକ ପଦ୍ଧତି ଜରିଆରେ କୁଣ୍ଡ କରି ମାଛ ଚାଷ ପାଇଁ ଏକ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ସେତେବେଳେ ମହିଳାଙ୍କୁ ମାଛ ଚାଷ କରିବା ପାଇଁ ତାଲିମ ମଧ ଦିଆଯାଇଥିଲା । ଏହି ମାଛ ଚାଷ ପ୍ରକଳ୍ପ ଫିରିଙ୍ଗିଆ ପଞ୍ଚାୟତ ସଂଘର ସହାୟତାର ବ୍ଲକ ମିଶନ ଶକ୍ତି ଦ୍ୱାରା କରାଯାଇଥିଲା । ମାଛ ଚାଷ ପାଇଁ ଲକ୍ଷାଧିକ ଟଙ୍କାର ଅତ୍ୟାଧୁନିକ ଯନ୍ତ୍ରପାତି ମଧ କିଣାଯାଇଥିଲା । ପ୍ରଥମେ ପ୍ରଥମେ କେବଳ ଥରେ ମାତ୍ର ଏହି ପ୍ରକଳ୍ପରେ ମାଛ ଚାଷ ହୋଇଥିଲା। ହେଲେ ମହିଳା ମାନେ ମାଛ ଚାଷ କରି ବହୁ କ୍ଷତି ସହିଥିଲେ । ସେତେବେଳେ ସମ୍ବଲପୁରର ଏକ ମାଛ ଜାଆଁଳ କମ୍ପାନୀ ମାଛ ଜାଆଁଳ ଯୋଗାଇ ଦେବା ନାଁରେ ମହିଳାଙ୍କୁ ଠକି ଦେଇଥିଲା । ଏଥିରେ ମାଛ ବଢ଼ି ପାରିନଥିଲା। ଅମଳ ସମୟରେ ବହୁ କ୍ଷତି ସହିବାକୁ ପଡିଥିଲା । ପ୍ରଥମ ଥରରେ ହିଁ କ୍ଷତି ସହିବାକୁ ପଡ଼ିଥିବାରୁ ସମ୍ପୃକ୍ତ ମହିଳା ଆଉ ମାଛ ଚାଷ କରି ନ ଥିଲେ। ଏହି ପ୍ରକଳ୍ପ ଏବେ ବନ୍ଦ ପଡିରହିଥିବା ବେଳେ ପ୍ରକଳ୍ପରେ ବ୍ୟବହାର ହୋଇଥିବା ଯନ୍ତ୍ରପାତି ନଷ୍ଟ ହେବାକୁ ବସିଛି। ରକ୍ଷଣାବେକ୍ଷଣ ଅଭାବରୁ ପ୍ରକଳ୍ପର ପଲିଥିନ ଛିଣ୍ଡି ଯାଇଥିବା ବେଳେ ଛପର ଭାଙ୍ଗିରୁଜି ନଷ୍ଟ ହେବା ଅବସ୍ଥାରେ ପଡ଼ିରହିଛି । ପ୍ରକଳ୍ପକୁ ପୁଣି ଥରେ କାର୍ଯ୍ୟକ୍ଷମ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ପ୍ରଶାସନ ପାଖରେ ଦାବି ଜଣାଇଛନ୍ତି। ଏହି ପ୍ରକଳ୍ପ ପୁଣି କାର୍ଯ୍ୟକାରୀ ହେଲେ ମହିଳା ମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି କୁହାଯାଇଛି। ପ୍ରକଳ୍ପର ଏହି ଅବ୍ୟବସ୍ଥା ବିଷୟରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପ୍ରଶ୍ନ କରାଯିବାରେ ପ୍ରକଳ୍ପକୁ ପୁଣି ଥରେ କାର୍ଯ୍ୟକ୍ଷମ କରିବା ପାଇଁ ଚେଷ୍ଟା କରାଯାଉଛି । ଖୁବ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି।

## ରାସ୍ତା ମଝିରେ ବିପଦସଂକୁଳ ବିଦ୍ୟୁତ୍ ଖୁଣ୍ଟ

**ବ୍ରହ୍ମପୁର,୨୪।୬(ସମିସ):** ରାସ୍ତାକୁ ପିଚୁ ପକାଇ କରାଯାଇଛି ଚକାଚକ୍ କରାଯାଇଛି। ହେଲେ ମୁଖ୍ୟରାସ୍ତା ଉପରେ ରହିଯାଇଛି ବିଦ୍ୟୁତ ଖୁଣ୍ଟ। ଯାହାକୁ ଠିକାଦାର କିମ୍ବା ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଇନାହାନ୍ତି। ଫଳରେ ଏହା ଲୋକଙ୍କ ଲାଗି ବିପଦସଂକୁଳ ହୋଇଛି। ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଚାଷା ନିମଖଣ୍ଡି ପଞ୍ଚାୟତରେ ଦେଖିବାକୁ ମିଳିଛି ଏପରି ଦୃଶ୍ୟ। ପ୍ରତ୍ୟେକ ଦିନ ହଜାର ହଜାର ବ୍ୟକ୍ତି ଏହି ରାସ୍ତାରେ ଯାତାୟାତ କରୁଥିବାବେଳେ ଏଭଳି ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟ ରଖାଯିବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ଘଟଣା ବିଦ୍ୟୁତ ବିଭାଗର ଦାୟିତ୍ୱହୀନତା ନେଇ ପ୍ରଶ୍ନ ଉଠାଇଛି। ରାସ୍ତା ନିର୍ମାଣ ସମୟରେ ତାହାକୁ କିପରି ବାହାର କରାଯାଇ ସ୍ଥାନାନ୍ତରିତ କରାଗଲା ନାହିଁ। ତେଣୁ ଯଥାଶୀଘ୍ର ଏହି ବିଦୁତ ଖୁଣ୍ଟ ବାହାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଏବଂ ବିଜେପିର ବରିଷ୍ଠ ନେତା ବିପିନ ପ୍ରଧାନ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ଦେଖି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ବାଘର ଉପସ୍ଥିତିକୁ ନେଇ ଦ୍ୱନ୍ଦ୍ୱରେ ଅଞ୍ଚଳବାସୀ

**ଭଞ୍ଜନଗର, ୨୪।୬ (ସମିସ):** ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ଲଣ୍ଡେଇ ସାହି ରାମକୃଷ୍ଣ ନଗରରେ ବାଘ ଚଳପ୍ରଚଳକୁ ନେଇ କିଛି ଦିନ ଧରି ଚର୍ଚ୍ଚା ହେଉଥିବା ବେଳେ ଗତ ବୁଧବାର ରାତିରେ ରାମକୃଷ୍ଣ ନଗର ଠାରୁ କିଛି ଦୂର ବିଚ୍ଛୁଆତି ଗ୍ରାମରେ ପାଦ ଚିହ୍ନ ପଡିଥିବା କିଛି ଲୋକ ଦେଖିବା ପରେ ୟ ବନ ବିଭାଗକୁ ଅବଗତ କରିଥିଲେ। ରବିବାର ସକାଳୁ ପୁଣି ବିଚ୍ଛୁଆତି ଠାରୁ କିଛି ଦୂର କେଏସୟୁବି କଲେଜ ପଛପାଖ ଇଲାକାରେ ପାଦ ଚିହ୍ନକୁ ନେଇ ସ୍ଥାନୀୟ ଇଲାକରେ ଚର୍ଚ୍ଚା ଜୋର ଧରିଛି। ଖବର ପାଇବା ପରେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପାରିପାର୍ଶ୍ୱିକ ସ୍ଥିତି ଓ ପାଦ ଚିହ୍ନରୁ ଏହା ବଣ ଶିଆଳ କିମ୍ବା ଗଧିଆ ବୋଲି ଅନୁମାନ କରାଯାଉଛି। ତଥାପି ଏଭଳି ଘଟଣାକୁ ଗୁରୁତର ସହ ନେଇ ଗତକାଲି ଠାରୁ ଆଖପାଖ ଇଲାକାରେ ବନ ବିଭାଗ ପକ୍ଷରୁ ୨ଟି ଟ୍ରାପ୍ କ୍ୟାମେରା ଲଗାଯାଇଥିବା ବନ ବିଭାଗ କର୍ମଚାରୀ ସୂଚନା ଦେଇଛନ୍ତି। ତେବେ ଉକ୍ତ ଅଜଣା ଜନ୍ତୁ ସଂର୍ପକରେ ଏ ପର୍ଯ୍ୟନ୍ତ କୌଣସି ଚିତ୍ର ସ୍ୱଷ୍ଟ ହୋଇନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ଘଟଣା ସମ୍ପର୍କରେ କୌଣସି ସଠିକ ଚିତ୍ର ସ୍ୱଷ୍ଟ ହୋଇ ନଥିବା ବେଳେ ସ୍ଥାନୀୟ ଜନସାଧାରଣ ଏହା ଏକ କଲରାପତରିଆ ବାଘ ବୋଲି ଅନୁମାନ କରୁଛନ୍ତି। ତେଣୁ ଏଭଳି ଏକ ସ୍ୱର୍ଶକାତର ଘଟଣାକୁ ନେଇ ଅଞ୍ଚଳରେ ଦ୍ୱନ୍ଦ ପରିସ୍ଥିତି ଉପୁଜିଥିବା ଜଣାପଡିଛି।

## ବ୍ରହ୍ମାକୁମାରୀର ସ୍ନେହ ମିଳନ କାର୍ଯ୍ୟକ୍ରମ




**ବ୍ରହ୍ମପୁର,୨୪।୬(ସମିସ):** ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟରଠାରେ ଗଞ୍ଜାମ, ଗଜପତି ଓ ନୟାଗଡ଼ ଜିଲ୍ଲାର ସାମ୍ବାଦିକଙ୍କୁ ନେଇ ସ୍ନେହ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମାଉଣ୍ଟଆବୁରୁ ଆସିଥିବା ମାସିକ ଜ୍ଞାନମୃତ ଏବଂ ହରିୟାଲି ସମ୍ପାଦିକା ରାଜଯୋଗନି ବ୍ରହ୍ମା କୁମାରୀ ଭଗୀନି ଉର୍ମିଳାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ "ଏକ ସ୍ୱଚ୍ଛ ଏବଂ ସ୍ୱଚ୍ଛ ସାମାଜ ନିର୍ମାଣ ସକାଶେ ସାମ୍ବାଦିକ ମାନଙ୍କ ଭୂମିକା' ଉପରେ ଆଲୋଚନା କରାଯାଇଛି। ରାଜଯୋଗିନି ବ୍ରହ୍ମା କୁମାରୀ ଭଗିନୀ ଉର୍ମିଳା ଆଲୋଚ୍ୟ ବିଷୟରେ ନିଜ ବକ୍ତବ୍ୟରେ କହିଥିଲେ ଯେ, ପ୍ରତ୍ୟେକଟି ଖବର ପରିବେଷଣ ସାମାଜରେ କିଛି ନା କିଛି ପ୍ରଭାବ ପକାଇଥାଏ। ତେଣୁ ସମୟ ଉପଯୋଗୀ ସକାରାଗକ ଏବଂ ସାମାଜର ମଙ୍ଗଳ ପାଇଁ ଉଦିଷ୍ଟ ଖବର ସତ୍ୟ ଆଧାରିତ ହୋଇଥିବା ଆବଶ୍ୟକ। ଏପରି ଶୁଭ ଭାବନା ଶୁଭ କାମନା ସମ୍ପର୍ଣ୍ଣ ଗଣମାଧମରେ ପ୍ରଚାର ପ୍ରସାର ନିଶ୍ଚିତ ଭାବେ ସ୍ୱଚ୍ଛ ଓ ସୁସ୍ଥ ରଖିପାରିବ। ସୋନପୁର ଜିଲ୍ଲାର ବୀରମହାରାଜପୁର ଭାଗୀନି ବ୍ରହ୍ମକୁମାରୀ ସରୋଜିନୀ ସାହୁ ସାମ୍ବାଦିକ ମାନଙ୍କୁ ସମ୍ବୋଧନ କରି କହିଥିଲେ ଯେ, ଶୃଙ୍ଖଳିତ ଓ ପ୍ରତ୍ୟକ୍ଷ ପ୍ରମାଣ ଥିବା ଖବର ପ୍ରତି ସମସ୍ତେ ଆକର୍ଷିତ ହୁଅନ୍ତି। ବ୍ରହ୍ମକୁମାରୀସ ବ୍ରହ୍ମପୁର ସବ୍ ଜୋନ ସହ ସଂଚାଳିକା ରାଜଯୋଗିନି ବ୍ରହ୍ମା କୁମାରୀ ଭାଗୀନି ମାଳକ୍ଷ ସଭାକାର୍ଯ୍ୟ ସୁପରିଚାଳନା, ରାଜଯୋଗର ଅଭ୍ୟାସ ଏବଂ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ କହିଥିଲେ ଯେ ମାନବ ଜୀବନ ଈଶ୍ୱରଙ୍କ ଏକ ଅମୂଲ୍ୟ ଉପହାର ଅଟେ। ଏଣୁ ସାମ୍ବାଦିକ ବନ୍ଧୁ ମାନେ ଚିନ୍ତା, ଭୟ ଏବଂ ନକାର।।କ ମନୋଭାବକୁ ପରିତ୍ୟାଗ କରି ସୁଖ ଶାନ୍ତି, ସମ୍ପର୍ଣ୍ଣ ଜୀବନ ଯାପନର କଳା ଶିଖିବା ନିତ୍ୟାନ୍ତ ଆବଶ୍ୟକ।

## ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର

**ବ୍ରହ୍ମପୁର,୨୪।୬ (ସମିସ):** ଲାଞ୍ଜିପଲ୍ଲୀ ବାଇପାସ୍ ଇସ୍କନ ମନ୍ଦିର ନିକଟ ରାସ୍ତାକଡରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଲାଞ୍ଜପଲ୍ଲୀ ଚନ୍ଦନନଗର ୨ୟ ଲାଇନର ଧନେଶ୍ୱର ମହାପାତ୍ର। ହୃଦ୍ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି। ସବୁଦିନ ଭଳି ଆଜି ମଧ୍ୟ ଧନେଶ୍ୱର ପ୍ରାତଃଭ୍ରମଣରେ ଘରୁ ବାହାରିଥିଲେ। ହେଲେ ସେ ଅନେକ ସମୟ ଯାଏଁ ଘରକୁ ଫେରି ନଥିଲେ। ପ୍ରାତଃଭ୍ରମଣ କରୁଥିବା ବେଳେ ସେ ରାସ୍ତକଡ଼ରେ ଅଚେତ ହୋଇ ପଡିଯାଇଥିଲେ। କିଛି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲକୁ ପଠାଇଥିଲେ। ହେଲେ ସେଠାକାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଧନେଶ୍ୱରଙ୍କ ପୁଅ ମାନସ ଏମ୍କେସିଜିରେ ପହଞ୍ଚି ବାପାଙ୍କୁ ଚିହ୍ନଟ କରିଥିଲେ। ଘଟଣାକୁ ନେଇ ମାନସ ବୈଦ୍ୟନାଥପୁର ଥାନାରେ ଲିଖିତ ଜଣାଇବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଲାୟନ୍ସ କ୍ଲବ୍ ଗୋଲ୍ଡର ସାଧାରଣ ସଭା



ବ୍ରହ୍ମପୁର,୨୪।୬(ସମିସ): ଲାୟନ୍ସ କ୍ଲବ୍ ବ୍ରହ୍ମପୁର ଗୋଲ୍ଡର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ କ୍ଲବ ତରଫରୁ ନୂତନ ବିଧାୟକ କେ ଅନୀଲ କୁମାରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କ୍ଲବ ସଭାପତି ଡ ପୁଷ୍ପାଞ୍ଜଳି ପଢାଳ ଏଥିରେ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବିଧାୟକ କେ ଅନୀଲ କୁମାର, ଜେଏମ୍ଏଫସି ଲାୟନ୍ସ ହରିହର ଦାସ ମୁଖ୍ୟ ବକ୍ତା, ସମ୍ପାଦିକା ଡ. ସଂଗୀତା ବାବୁ, କୋଷାଧକ୍ଷା ସ୍ୱର୍ଣ୍ଣପ୍ରଭା ମିଶ୍ର, ପୂର୍ବତନ କ୍ଲବ୍ ସଭାପତି ତଥା ଜିଲ୍ଲା କୋଡିନେଟର ଶ୍ୟାମାପ୍ରସାଦ ପାଢୀ, କାର୍ଯ୍ୟକ୍ରମ ସଂଚାଳକ ଶିଶିର କୁମାର ଦାସ ପ୍ରମୁଖ ସଭା ଉଦ୍‌ଘାଟନ କରିଥିଲେ। ସଭାପତି ଡ ପଢାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦିକା ସଂଗୀତା ବାବୁ ସମ୍ପାଦକୀୟ ଉପସ୍ଥାପନ କରିଥିଲେ। ପାଲୁର ହିଲ୍ ଠାରେ ଅବସ୍ଥାପିତ ମାନସିକ ଅନଗ୍ରସର କେନ୍ଦ୍ର ଅନ୍ତେବାସୀ ମାନଙ୍କୁ ନୂତନ ପରିଧାନ ବଣ୍ଟନ କରାଯିବା ପାଇଁ ସ୍ଥିରଗଲା। କ୍ଲବର ନୂତନ ସଦସ୍ୟତା ଗ୍ରହଣ କରିଥିବା ରାମେଶ୍ୱର ଖାଡଙ୍ଗା, ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ଏବଂ ଡ ମୀନତି ପଟ୍ଟନାୟକ ପ୍ରମୁଖଙ୍କୁ ସ୍ୱାଗତ କରାଯାଇଥିଲା। ସର୍ବସମ୍ମତିକ୍ରମେ କ୍ଲବ ସଭାପତି ଡ. ପଢ଼ାଳ ଆସନ୍ତା ୨୦୨୪ ଏବଂ ୨୦୨୫ ବର୍ଷ ପାଇଁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ସଭାପତି ଭାବରେ ଡ.ସଂଗୀତା ବାବୁ, ସମ୍ପାଦକ ଡ. ଲକ୍ଷ୍ମୀଧର ତ୍ରିପାଠୀ ଏବଂ କୋଷାଧକ୍ଷା ଭାବରେ ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କୁ ଚୟନ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଅନ୍ୟ କର୍ମକର୍ତ୍ତା ଚୟନ କରାଯିବ ବୋଲି ଏଠାରେ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ପୂର୍ବତନ ସଭାପତି ନର୍ସୁ ଜେନା, ଉପସଭାପତି ଇ. ଦିଲେଶ୍ୱ, ରେଡ୍ଡୀ ଜ୍ୟୋତ୍ସ୍ନାମୟୀ ପ୍ରଧାନ, ସହ ସମ୍ପାଦକ ଅମର କୁମାର ପାତ୍ର, ସନ୍ତୋଷ କୁମାର ସାହୁଙ୍କ ସମେତ ଡ. ବିନାୟକ ପଟ୍ଟନାୟକ, ମଞ୍ଜୁଳା ପାଢୀ, ଡ.ସଂଧାରାଣୀ ଦାସ, ଇଂ. ସୁରେଶ ଚନ୍ଦ୍ର ପ୍ରଧାନ, ଲୋକନାଥ ପାତ୍ର, ଜ୍ୟୋତ୍ସ୍ନା ଦାସ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ।

### ବିଧାୟକଙ୍କ ଛେଳିଗଡ ବିସ୍ଥାପିତ କଲୋନୀ ଗସ୍ତ

# ୭ ଦିନ ମଧ୍ୟରେ ପଟ୍ଟା ପ୍ରଦାନ ନିର୍ଦ୍ଦେଶ



**ଦିଗପହଣ୍ଡି,୨୪।୬(ସମିସ):** ଦୀର୍ଘ ୧୦ ବର୍ଷ ହେଲା ବିସ୍ଥାପିତ କଲୋନୀରେ ସ୍କୁଲ୍, ଅଙ୍ଗନବାଡି କେନ୍ଦ୍ର, ପାନୀୟ ଜଳ ସମସ୍ୟା ଭଳି ମୌଳିକ ସମସ୍ୟାର ସମାଧାନ ହୋଇପାରିନାହିଁ। ସେମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ଏହି କଲୋନୀରେ ଥାଇଥାନ କରାଯାଇଥିଲା, ସେହି ପ୍ରତିଶ୍ରୁତି ପ୍ରଶାସନ କିମ୍ବା ସରକାର ପାଳନ କରିନାହାନ୍ତି। ବିସ୍ଥାପିତ ପରିବାରଙ୍କୁ ଯେଉଁ ପ୍ୟାକେଜ୍ ମିଳିବା କଥା ତାହା ଆଜି ପର୍ଯ୍ୟନ୍ତ ସେମାନଙ୍କୁ ପ୍ରଦାନ କରାଯାଇନାହିଁ। ଯେଉଁ ଜମିରେ ସେମାନଙ୍କ ପାଇଁ ଘର ନିର୍ମାଣ କରାଯାଇଛି, ତାହାର ପଟ୍ଟା ମଧ ଦିଆଯାଇନାହିଁ। ରାସନକାର୍ଡ ସମାଗ୍ରୀ ଓ ଭତ୍ତା ଟଙ୍କା ପାଇଁ ସେମାନେ ଗଜପତି ଆର୍ ଉଦୟଗିରି ବ୍ଲକକୁ ଦୀର୍ଘ ୪୦ କିମି ଯିବାକୁ ପଡୁଛି। ଏଭଳି ସ୍ଥିତିରେ ସେମାନେ ପ୍ରଶାସନ ଉପରେ କିଭଳି ଆସ୍ଥା ପ୍ରକଟ କରିବେ ବୋଲି ସୋମବାର ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଛେଳିଗଡ ବିସ୍ଥାପିତ କଲୋନୀ ଗସ୍ତ ସମୟରେ ଅଭିଯୋଗ ଉଠାଇଛନ୍ତି ଛେଳିଗଡ ବିସ୍ଥାପିତ। ସେମାନଙ୍କ ଅଭିଯୋଗ ଶୁଣି କ୍ଷୋଭ ପ୍ରକାଶ କରିଛନ୍ତି ବିଧାୟକ। କେବଳ ଏତିକି ନୁହଁ ବିସ୍ଥାପିତ ମାନଙ୍କୁ ପାଇଁ ଯେଉଁ କଲୋନୀ ନିର୍ମାଣ ହୋଇଛି ସେହି ଜମିର ପରିମାଣ ୪୧୧ ଏକରରୁ ଉଦ୍ଧ୍ୱର୍ ହେବ। ସେହି ସ୍ଥାନକୁ ଅକ୍ତିଆର କରି ଦିଗପହଣ୍ଡି ତହସିଲ୍ ଗଡ ସାମନ୍ତରାପୁର ଗ୍ରାମବାସୀ ଚାଷ କାର୍ଯ୍ୟ କରୁଥିଲେ। ଏବଂ ସରକାରଙ୍କୁ ଖଜଣା ମଧ ଦେଉଥିଲେ। ଛେଳିଗଡ ବିସ୍ଥାପିତଙ୍କ ପାଇଁ ସେହି ଜମିରେ କଲୋନୀ ନିର୍ମାଣ ପାଇଁ ଯେଉଁ କଥା ଉଠିଲା ସେତେବେଳେ ପ୍ରଶାସନ ଗଡସାମନ୍ତରାପୁର ଗ୍ରାମବାସୀଙ୍କ ପକ୍ଷେ ଏକ ସର୍ତ୍ତ ରଖିଥିଲା। ସେହି ଜମି ଛାଡିଲେ ତାହା ବଦଳରେ ପ୍ରଶାସନ ପକ୍ଷରୁ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ତାହା ପାଳନ କରାଯାଇନଥିବା ଯୋଗୁଁ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏଭଳି ବିବାଦୀୟ ଅଭିଯୋଗ ଶୁଣିବା ପରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର ସାତ ଦିନ ମଧ୍ୟରେ ବିସ୍ଥାପିତ ମାନଙ୍କୁ ଜମିପଟ୍ଟା ଯୋଗାଇଦେବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ସହ ପର୍ଯ୍ୟାୟକ୍ରମେ ବିସ୍ତାପିତମାନଙ୍କ ମୌଳିକ ସମସ୍ୟା ଓ ଗଡସାମନ୍ତରାପୁର ଗ୍ରାମବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଉପରେ ଆପୋଷ ଆଲୋଚନା କରି ଏହାର ସମାଧାନ ଦିଗରେ ଉଦ୍ୟମ ଜାରି ରଖିବେ ବୋଲି ବିଧାୟକ ପ୍ରତିଶୃତି ଦେଇଥିଲେ। ସୋମବାର ଦିଗପହଣ୍ଡି ବିଧାୟକ ଶ୍ରୀ ମହାପାତ୍ର ବ୍ଲକ୍‌ରେ ଥିବା ବାବୁଲି ବନ୍ଧ, ବାଲିପାଟ, ଚାକୁଣ୍ଡାପଲ୍ଲୀ ଓ ଗଡସାମନ୍ତରାପୁର ଚାରିଗୋଟି ବିସ୍ଥାପିତ କଲୋନୀ ବୁଲି ଦେଖିଥିଲେ। ବିଧାୟକଙ୍କ ଗସ୍ତ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ବଂଶଧାରା-ନାଗାବଳୀ (ବେସିନ୍) ର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ନଗେନ୍ଦ୍ର ମହାରଣା ,ଦିଗପହଣ୍ଡି ତହସିଲଦାର ଅନୀତା କୁମାରୀ ସାହୁ, ଛେଳିଗଡ ଡିଭିଜନ୍‌ର ଅଧିକ୍ଷଣ ଯନ୍ତ୍ରୀ ଧିରେନ୍ଦ୍ର କୁମାର ଜଗତ, ଛେଳିଗଡ ଏସ୍‌ଡିଓ ଦେବାଶିଷ ନାୟକ, ଘୋଡାହାଡ ଉପଖଣ୍ଡ କାର୍ଯ୍ୟାଳୟ ଦିଗପହଣ୍ଡିର ସହକାରୀ ନିର୍ବାହୀ ଯନ୍ତ୍ରୀ ଏ.ଗୋପାଳ ରାଓଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ରହି ଛେଳିଗଡ ଜଳ ସମ୍ପ୍ରସାରଣର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, କେ.ହରିବନ୍ଧୁ ରେଡ୍ଡୀ, ମନୋଜ କୁମାର ସାହୁ, ବାପି ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଏହି ସାମିଲ୍ ହୋଇଥିଲେ।

### ଚେତିଲେନି ଠିକାଦାର

# ନିମ୍ନମାନର କାମ ଲୁଚାଇବାକୁ କ୍ରସର ମେଟାଲ୍‌ର ଆସ୍ତରଣ

### ଆର୍‌ଡି ବିଭାଗ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ



କାଳିମେଳା, ୨୪।୬(ସମିସ):

ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ ଭୁବନପାଲ୍ଲୀଠାରୁ କୁନାନପଲ୍ଲୀକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତାକାମ ନିମ୍ନମାନର ହେଉଥିବା ଗତ ଶନିବାର 'ସକାଳ'ରେ ପ୍ରକାଶିତ ହୋଇଥିଲା। ପରେ ବି ବିଭାଗ ତରଫରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ ହେଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ୨ ତରଫରୁ ଭୁବନପାଲ୍ଲୀ ଠାରୁ କୁନାନପଲ୍ଲୀ ରାସ୍ତାକାମ ପ୍ରାୟ ୭.୫୦୦ କିଲୋମିଟର ଦୂରତାର ଅଟକଳ ମୂଲ୍ୟ ୬, ୧୧, ୯୮, ୧୮୯୦୦ର ଚୁକ୍ତିନାମା ରାଶିରେ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ସୁକମା ଗାଁର ଏଜେନସି-ଶେଖ ଝାକିର ହୁସେନ ନାମକ ଠିକା କମ୍ପାନୀ ଦ୍ୱାରା ରାସ୍ତା କାମ କରାଯାଉଥିବା ଦେଖିବାକୁ ମିଳିଥିଲା। ଏହି କାମରେ କ୍ରସର୍ ମେଟାଲ ପରିବର୍ତ୍ତେ ନିମ୍ନମାନର ଚୂନପଥରରେ କାମ କରାଯାଉଥିବା ଗତ ଶନିବାର ଖବର ପ୍ରକାଶ ପାଇଥିଲା। ସମ୍ପୃକ୍ତ ଠିକାଦାର ନିମ୍ନମାନର ଚୂନପଥର ବଦଳାଇବା ପରିବର୍ତ୍ତେ ଅଳ୍ପ କିଛି କ୍ରସର୍ ମେଟାଲ ଆଣି ରାସ୍ତା ଉପରେ ବିଛାଯାଇଥିବା ନିମ୍ନମାନର ପଥର ଉପରେ ଏହାକୁ ବିଛେଇ ତରବରିଆ ଭାବରେ କାମ ସାରିଦେଉଥିବା ଦେଖିବାକୁ ମିଳିଛି। ଖରାପ ମେଟାଲ ଲୁଚାଇବା ପାଇଁ କ୍ରସର ମେଟାଲର ଆସ୍ତରଣ ଦେଉଥିବା ବେଳେ ଏହାକୁ ସ୍ଥାନୀୟ ଲୋକେ ନାପସନ୍ଦ କରିଛନ୍ତି। ଅନ୍ୟପଟେ ରାସ୍ତାକଡ଼ରେ ଥିବା ମୂଲ୍ୟବାନ ଗଛଗୁଡିକ ମଧ ସମ୍ପୃକ୍ତ ଠିକାଦାର କାଟି ଦେଇଥିବା ଜଣାପଡ଼ିଛି। ଫରେଷ୍ଟର ସମିର ଜେନା ବନ ବିଭାଗର ବିନା ଅନୁମତିରେ ସେ ଗଛ କାଟିଥିବା ପ୍ରକାଶ କରିଛନ୍ତି। ଏହି ରାସ୍ତାକୁ ପ୍ରଶାସନ ଦୃଷ୍ଟିକୁ ନେଇ ଭଲ ରାସ୍ତା ନିର୍ମାଣ କରିବାପାଇଁ ସହାୟକ ହେବା ସହ ଉକ୍ତ ଠିକା କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ସମ୍ପୃକ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଅସ୍ମିତ ଦୁରୁଆଙ୍କୁ ଯୋଗାଯୋଗ କରିବାରୁ ସେ ଏହାର ତଦାରଖ କରିବେ ବୋଲି କହିଛନ୍ତି। ବିଭାଗୀୟ ଅଧିକାରୀ ସଠିକ ଭାବେ ଏହି କାର୍ଯ୍ୟ ଉପରେ ଦୃଷ୍ଟି ଦେଲେ ଠିକାଦାର ଏପରି ନିମ୍ନମାନର କାମ କରି ନଥାନ୍ତା ବୋଲି ଲୋକେ ପ୍ରକାଶ କରିଛନ୍ତି।

### ■ ତେନ୍ତୁଳିଖୁଣ୍ଟିରେ 'ମନରେଗା' ଯୋଜନା ବାଟବଣା

# ପ୍ରହସନ ପାଲଟିଛି ଯୋଜନା; ବ୍ୟବସାୟ ପାଲଟିଛି ଜବ୍‌କାର୍ଡ

ତେନ୍ତୁଳିଖୁଣ୍ଟି, ୨୪।୬(ସମିସ):

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା(ମନରେଗା) ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ମନରେଗା ଯୋଜନାରେ ସରକାର ପ୍ରତି ପରିବାର ପାଖରେ କାମ ଯୋଗାଇଦେବା ଲକ୍ଷ୍ୟରେ କାର୍ଯ୍ୟ କରୁଛନ୍ତି କିନ୍ତୁ ତାହା ତେନ୍ତୁଳିଖୁଣ୍ଟି ବ୍ଲକରେ ସଫଳ ହୋଇପାରୁନଥିବା ଅଭିଯୋଗ ହୋଇଛି। ଏପରିକି ଏହି ଯୋଜନା ଏବେ ବ୍ଲକରେ ପ୍ରହସନ ପାଲଟିଥିବା ବେଳେ ମନରେଗାରେ କାର୍ଯ୍ୟ ପାଇଁ ମିଳୁଥିବା ଜବ୍ କାର୍ଡ ବ୍ୟବସାୟ ପାଲଟିଥିବା ଅଭିଯୋଗ ହୋଇଛି। ଦୁର୍ନୀତି ରୋକିବା ତଥା କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ସରକାର ମନରେଗାରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଟଙ୍କା ଜମା କରିବା ବ୍ୟବସ୍ଥା କରିଛନ୍ତି। କିନ୍ତୁ ବ୍ଲକରେ ହେଉଥିବା ମନରେଗା କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ମନରେଗାରେ ଅନ୍ତର୍ଭୁକ୍ତ ହେଉ ନ ଥିବାବେଳେ ମେସିନ ମାଧ୍ୟମରେ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଠିକାଦାର ଜବ କାର୍ଡ ଖୋଜିବା ସହ କାର୍ଡ ଧାରୀଙ୍କୁ କିଛି ହାତଗୁଞ୍ଜା ଦେଇ ବାକିତକ ଟଙ୍କା ଫେରସ୍ତ ନେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏପରିକି ବ୍ଲକ ପ୍ରଶାସନର ଜାଣତରେ ଏଭଳି ବେନିୟମ କାର୍ଯ୍ୟ ହେଉଥିବା ମଧ ସାଧାରଣରେ ଅଭିଯୋଗ ହୋଇଛି।

ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ସରକାର ସାଧାରଣ ଶ୍ରମିକଙ୍କ ସ୍ୱାର୍ଥ ଦୃଷ୍ଟିରୁ ମନରେଗା ଯୋଜନା କରିଛନ୍ତି ତାହା ବାସ୍ତବରେ ପ୍ରହସନରେ ପରିଣତ ହୋଇଥିବା ଆଲୋଚନା ହେଉଛି। ମନରେଗା କାର୍ଯ୍ୟରେ କେଉଁ ହିତାଧିକାରୀ କାର୍ଯ୍ୟ କରୁଛନ୍ତି, ଦିଆଯାଉଥିବା ଜବକାର୍ଡ କାର୍ଯ୍ୟ କରୁଥିବା ପ୍ରକୃତ ହିତାଧିକାରୀଙ୍କର କି ନୁହଁ ଏସବୁ ନ ଦେଖି ପ୍ରଶାସନ ଆଖିବୁଜା ବ୍ୟାଙ୍କ ଖାତାରେ ଟଙ୍କା ଜମା କରିବା କାର୍ଯ୍ୟ ବର୍ତ୍ତମାନ ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଏଭଳି ବିନା ତନଖିରେ ବ୍ୟାଙ୍କ ଖାତାରେ ଟଙ୍କା ଜମା ହେଉଥିବା ଯୋଗୁଁ ଉକ୍ତ ଟଙ୍କାକୁ ହାତେଇବାକୁ ଜବ କାର୍ଡକୁ କିଛି ଲୋକ ବ୍ୟବସାୟରେ ପରିଣତ କରିଥିବା ଆଲୋଚନା ହେଉଛି। ଏପରିକି କେତେକ ଖାତାଧାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ସେମାନଙ୍କ ଅଜାଣତରେ ମନୋରେଗା ଅର୍ଥ ଜମା ହେଉଥିବା ବେଳେ ଠିକାଦାର ସେମାନଙ୍କ ଖାତାରେ ଟଙ୍କା ଆସିଥିବା କହି ଟଙ୍କା ମାଗି ନେଉଥିବା ନିଜ ନାମ ଗୋପନ ରଖି କିଛି ଜବ କାର୍ଡ ଧାରି ସୂଚନା ଦେଇଛନ୍ତି। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ମନୋରେଗା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇ ନପାରିବାରୁ ତାଙ୍କର ପ୍ରତିକ୍ରିୟା ମିଳି ପାରି ନାହିଁ। ତେବେ ଅନ୍ୟପକ୍ଷରେ ମନରେଗାରେ ସ୍ୱଚ୍ଛତା ଆଣିବା ସହ ଉକ୍ତ ଅଭିଯୋଗର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହୋଇଛି।

## ଏବିଇଓଙ୍କ ଦାୟିତ୍ୱ ଗ୍ରହଣ



**ଧରାକୋଟ,୨୪।୬(ସମିସ):** ଧରାକୋଟ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଦୁଇଜଣ ଏବିଇଓ ଅବସର ଗ୍ରହଣ କରିବା ପରେ ଖାଲି ପଡ଼ିଥିବା ଦୁଇ ପଦବୀ ଏବେ ପୂରଣ ହୋଇଛି। ଗଞ୍ଜାମ ଜିଲ୍ଲାପାଳଙ୍କ ଚିଠି ସଂଖ୍ୟା ୯୩୬୧ /୧୩/୬/୨୪ ପ୍ରକାରେ ଜୟମଙ୍ଗଳ ୟୁପିଏସରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ବେହେରା, କୁସରାବ ୟୁପିଏସରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ପାତ୍ର ନୂତନ ଏବିଇଓ ଭାବରେ ନିଯୁକ୍ତି ପାଇଛନ୍ତି। ଏହି ଅବସରରେ ବିଇଓ ଲିଙ୍ଗରାଜ ସ୍ୱାଇଁ, ସିଆର୍‌ସିସି ଭାସ୍କର ବାଡତ୍ୟା, ପୂର୍ଣ୍ଣଚନ୍ଦ୍ର ବେହେରା, କାଳୁ ଚରଣ ଗୌଡ଼, ନବୀନ ସେଠୀ, ଜ୍ଞାନ ରଞ୍ଜନ ନାୟକ, ଶିବାନନ୍ଦ ବେହେରା, ଅରୁଣ ସେଠୀ, ଶ୍ରୀକାନ୍ତ ନାୟକ, ରଞ୍ଜନ ନକାଙ୍କ ସମେତ ବିଇଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସେମାନଙ୍କୁ ସ୍ୱାଗତ କରିଥିଲେ। ବିଇଓ ଲିଙ୍ଗରାଜ ସ୍ୱାଇଁଙ୍କ ସହ ଯୋଗାଯୋଗ ବେଳେ ସେମାନଙ୍କ ଯୋଗଦାନ ଫଳରେ ଶିକ୍ଷାଦାନ କ୍ଷେତ୍ରରେ ସୁପରିଚାଳନା ସହ ସରକାରଙ୍କ ସମସ୍ତ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିବ ବୋଲି କହିଛନ୍ତି।

## ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳିତ



**ଧରାକୋଟ,୨୪।୬(ସମିସ):** ସରକାରୀ ଘୋଷଣା ଅନୁଯାୟୀ ବିଦ୍ୟାଳୟ ଖୋଲିବାର ପ୍ରଥମ ସପ୍ତାହକୁ ସୁରକ୍ଷା ସପ୍ତାହ ରୂପେ ପାଳନ କରାଯାଉଛି। ଧରାକୋଟ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଏହି ସପ୍ତାହ ଏବେ ପାଳନ ହେଉଛି। ଏହାର ଉଦ୍ଦେଶ୍ୟ ରହିଛି ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ସୁରକ୍ଷା ଯଥା ବିଦ୍ୟାଳୟର କୌଣସି ସ୍ଥାନ ଓ ପରିବେଶ ଯେପରି ଛାତ୍ରଛାତ୍ରୀମାନଙ୍କ ପାଇଁ ବିପଦସଙ୍କୁଳ ରହିବ ନାହିଁ, ନିରାପଦ ପରିବେଶକୁ ନିଶ୍ଚିତ କରିବା, ସାଇବର ସୁରକ୍ଷା, ମାନସିକ ଚାପରୁ ପିଲାଙ୍କୁ ମୁକ୍ତି ପାଇଁ ସଚେତନତା, ସ୍ୱାସ୍ଥ୍ୟ ସଚେତନତା, ବିପର୍ଯ୍ୟୟ ପ୍ରଶମନ ମୁକାବିଲା କରିବା, ସଡ଼କ ସୁରକ୍ଷା, ବଜ୍ରାଘାତରୁ ରକ୍ଷା କରିବା, ଆଶୁ ଚିକିତ୍ସା, ସର୍ପାଘାତ ଓ ଅଗ୍ନି ନିରାପତ୍ତା ସମ୍ପର୍କୀୟ ସଚେତନତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇ ସାମଗ୍ରିକ ସୁରକ୍ଷାକୁ ସଫଳ କରିବା। ଏଣୁ ବ୍ଲକର ସମସ୍ତ ବିଦ୍ୟାଳୟରେ ସୁରକ୍ଷା ସପ୍ତାହ ପାଳନ କରାଯାଉଛି।

## ହୁମ୍ମା-ବଟେଶ୍ୱର ମୁଖ୍ୟ ରାସ୍ତାରେ ଗର୍ତ୍ତ



**ଗଞ୍ଜାମ,୨୪।୬(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମାଠାରୁ ବଟେଶ୍ୱର ମନ୍ଦିରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ପାଦୁକାଇ ମନ୍ଦିର ବୁଲାଣି ରାସ୍ତାରେ ଏକ ଗର୍ତ୍ତ ଖୋଳା ହୋଇ ପାଞ୍ଚ ଦିନରୁ ଊର୍ଦ୍ଧ୍ୱ ସମୟ ହେଲା ପଡ଼ିରହିଛି। ବିପଦସଂକୁଳ ଅବସ୍ଥାରେ ରହିଥିବା ଗର୍ତ୍ତ ପାଇଁ ଏହି ରାସ୍ତାରେ ଯିବା ଆସିବା କରୁଥିବା ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏପରିକି ନିକଟସ୍ଥ ସାହିର ଛୁଆ ଓ ଗାଈ ଗୋରୁମାନେ ଉକ୍ତ ଗାତରେ ପଡ଼ିଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

ସୂଚନାଯୋଗ୍ୟ, ହୁମ୍ମା ୧୬ ନମ୍ବର ଜାତୀୟ ରାଜପଥରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନସ୍ଥ ସଂଯୋଗ ରାସ୍ତାଟି ବଟେଶ୍ୱର ପର୍ଯ୍ୟନ୍ତ ଯାଇଛି। ଏହି ରାସ୍ତାରେ କଣ୍ଟିଆଗଡ଼, ଖଟୁଆ କୁଦା, ନୀଳାଦ୍ରୀପୁର ଏବଂ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବଟେଶ୍ୱର ମନ୍ଦିର ରହିଛି। ଏଭଳି ସ୍ଥିତିରେ ବିଭିନ୍ନ ଅଞ୍ଚଳରୁ ପିକ୍‌ନିକ୍ ଗାଡ଼ି ମାନ ଉକ୍ତ ରାସ୍ତା ଦେଇ ଯିବାଆସିବା କରିଥାଏ। ବସୁଧା ଯୋଜନାରେ ବିଭିନ୍ନ ଗ୍ରାମର ପାଇପ୍ ଲାଇନ ପାଇଁ ସଂଯୋଗ ନିମନ୍ତେ ଉକ୍ତ ଗାତଟି ଖୋଳା ଯାଇଥିବାବେଳେ ତୁରନ୍ତ ପାଇପ୍ ସଂଯୋଗ କରି ଗାତଟି ପୋତିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ଶୂନ୍ୟ ମୃତାହତ ଉପରେ ଗୁରୁତ୍ୱାରୋପ

ଛତ୍ରପୁର,୨୪।୬(ସମିସ)




ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ସୋମବାର ଗଞ୍ଜାମ ଜିଲ୍ଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ବୈଠକର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ ଭାଙ୍ଗି ଯାଇଥିବା ବନ୍ଧଗୁଡ଼ିକର ମରାମତି କରିବା ସହିତ ଚାଷୀମାନଙ୍କୁ ଠିକ୍ ସମୟରେ ଉନ୍ନତମାନର ବିହନ ଓ ସାର ଯୋଗାଇଦେବା ଉପରେ ଗୁରୁତ୍ୱ ଦେଇଥିଲେ। ବନ୍ୟାଜଳ ନିଷ୍କାସନ, ଭାଙ୍ଗି ଯାଇଥିବା ବନ୍ଧଗୁଡ଼ିକର ମରାମତି, କେନାଲ ଓ ବନ୍ଧଗୁଡ଼ିକର ଦୁର୍ବଳ ସ୍ଥାନର ମରାମତି, ଶୂନ୍ୟ ମୃତାହତ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଚୁଡ଼ା, ଗୁଡ଼, ମହମବତୀ ଆଦି ମହଜୁଦ ରଖିବା ପାଇଁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ କହିଥିଲେ। ବିପର୍ଯ୍ୟୟର ମୁକାବିଲା ନିମନ୍ତେ ପର୍ଯ୍ୟାପ୍ତ ପରିମାଣରେ ଔଷଧ, ହେଲୋଜେନ୍ ବଟିକା, ସାପ କାମୁଡ଼ା ଔଷଧ ଆଦି ମହଜୁଦ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଣାଇଥିଲେ। ଜିଲ୍ଲାରେ ଗତବର୍ଷ ତୁଳନାରେ ଶତକଡ଼ା ୩୧ ଭାଗ ବର୍ଷା କମ୍ ରହିଥିବା ଜିଲ୍ଲା କୃଷି ଅଧିକାରୀ ପ୍ରକାଶ କରିଥିଲେ। ଚଳିତ ବର୍ଷ ଚାଷୀମାନଙ୍କୁ ଯୋଗାଇ ଦେବା ନିମନ୍ତେ ଉନ୍ନତମାନର ବିହନ ଓ ରାସାୟନିକ ସାର ଗଚ୍ଛିତ ରଖାଯାଇଛି। ଗ୍ରାମ୍ୟ ଜଳ ଯୋଗାଣ ଓ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ବିପର୍ଯ୍ୟୟ ସମୟରେ ଟ୍ୟାଙ୍କର ସାହାଯ୍ୟରେ ନିରାପଦ ପାନୀୟ ଜଳ ଜନସାଧାରଣଙ୍କୁ ଯୋଗାଇ ଦେବା ଓ ଖରାପ ଥିବା ନଳକୂପଗୁଡ଼ିକର ମରାମତି କରିବା ଉପରେ ଜଣାଇଥିଲେ। ପ୍ରତ୍ୟେକ ବ୍ଲକରେ ରାପିଡ୍ ରେସପନ୍ସ ଟିମ୍ ସଦା ଜାଗ୍ରତ ରହିଛି। ଜରୁରୀକାଳୀନ ସେବା ଯଥା ବିଦ୍ୟୁତ୍, ଦୂରସଂଚାର, ଯୋଗାଯୋଗ ଇତ୍ୟାଦି ନିମନ୍ତେ ଏନ୍‌ଡିଆର୍‌ଏଫ୍ ଏବଂ ଓ.ଡି.ଆର୍.ଏଫ୍. ଟିମ୍ ଜାଗ୍ରତ ରହିଛନ୍ତି। ତଳିଆ ଅଞ୍ଚଳ ଗୁଡିକୁ ଚିହ୍ନଟ କରି ବନ୍ୟା ସମୟରେ ବାତ୍ୟା ଆଶ୍ରୟ ସ୍ଥଳକୁ ଜନସାଧାରଣଙ୍କୁ ସ୍ଥାନାନ୍ତର କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜନପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ପ୍ରମୁଖଙ୍କୁ ରିଲିଫ୍ ବଣ୍ଟନ ପାଇଁ ତାଲିମ୍ ପ୍ରଦାନ କରାଯାଇଛି। ବିପର୍ଯର୍ୟ୍ୟୟ ପରିଚାଳନା ସକାଶେ ଜିଲ୍ଲାସ୍ତରରେ, ବ୍ଲକସ୍ତରରେ, ତହସିଲସ୍ତରରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ଜନସାଧାରଣଙ୍କୁ ସହାୟତା ଯୋଗାଇ ଦିଆଯିବ। ପଶୁ ସମ୍ପଦ ନିମନ୍ତେ ଗୋ-ଖାଦ୍ୟ, ଟୀକା, ଔଷଧ ଆଦି ମହଜୁଦ ଥିବା ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଜଣାଇଥିଲେ। ବିପର୍ଯ୍ୟୟ କେତେବେଳେ ଆସିବ କେହି କହିପାରିବେ ନାହିଁ କିନ୍ତୁ ପୂର୍ବ ସୂଚନା ପାଇବା ପରେ ଯଦି ସେଗୁଡିକର ପରିଚାଳନା ସଠିକ୍ କରିବା ତେବେ ବିପର୍ଯ୍ୟୟର ମୁକାବିଲା କରିପାରିବା। ଏହି ବିପର୍ଯ୍ୟୟର ମୁକାବିଲା ଦିଗରେ ଆମ୍ଭମାନଙ୍କୁ ପୂର୍ବ ପ୍ରସ୍ତୁତି କରିବାର ଅଛି ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ଜଣାଇଥିଲେ। ବୈଠକରେ ଜିଲ୍ଲାର ସମସ୍ତ ସାଂସଦ ଓ ବିଧାୟକଙ୍କ ପ୍ରତିନିଧିଗଣ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତା, ଛତ୍ରପୁର ଉପ-ଜିଲ୍ଲାପାଳ ଦେବଦତ୍ତ ମହାନ୍ତ, ବ୍ରହ୍ମପୁର ଉପଜିଲ୍ଲାପାଳ ଧୀନା ଦସ୍ତଗୀର, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଓସଡମାର ଅଧିକାରୀ, ସମସ୍ତ ସଂପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ବାତ୍ୟା ଆଶ୍ରୟସ୍ଥଳୀ ଏବଂ ବନ୍ୟା ଆଶ୍ରୟସ୍ଥଳୀର ସଭାପତି, ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ ସମିତିର ସାଧାରଣ ବୈଠକ




**ବୁଗୁଡ଼ା,୨୪।୬(ସମିସ):** ସ୍ଥାନୀୟ ପଞ୍ଚାୟତ ସମିତିର ଏକ ସାଧାରଣ ବୈଠକ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବିଡିଓ ସନ୍ତୋଷ କୁମାର ଜେନା, ତହସିଲଦାର ତାପସ ରାଉତ, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ସସ୍ମିତା କର, ଜିପିଓ ମନୋଜ କୁମାର ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା, ସଦସ୍ୟା ଚାନ୍ଦିନୀ ନାୟକ ଓ ସମିତା ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀଗଣ ଓ ଅତିଥିଗଣ ନିଜ ନିଜ ପରିଚୟ ପ୍ରଦାନ କରିଥିଲା ବେଳେ ମନ୍ତ୍ରୀ ଗୋକୁଳାନନ୍ଦଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ ଗୋକୁଳାନନ୍ଦ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଶହେ ଦିନର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ସହ ଅଞ୍ଚଳବାସୀଙ୍କ ନିକଟତର ହୋଇ ସେବା ଯୋଗାଇବାକୁ ପରାମର୍ଶ ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସମେତ ଜନପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲାବେଳେ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

### ଷଷ୍ଠ ଦିନରେ ମା’ ପୋଲୋକାଶୁଣି ଯାତ୍ରା

## ହୋମଯଜ୍ଞ ଓ ମନ୍ତ୍ର ପାଠରେ କମ୍ପୁଛି ପରିବେଶ

**ଆସିକା,୨୪।୬(ସମିସ):** ଆସିକାଠାରେ ଅନୁଷ୍ଠିତ ହେଉଥିବା ମା’ ପୋଲୋକାଶୁଣିଙ୍କ ଯାତ୍ରା ଇତିମଧ୍ୟରେ ଷଷ୍ଠ ଦିନରେ ପହଞ୍ଚିଛି। ଅସ୍ଥାୟୀ ମଣ୍ଡପରେ ଦିନତମାମ ହୋମଯଜ୍ଞ ସହ ବ୍ରାହ୍ମଣଙ୍କ ମନ୍ତ୍ର ପାଠରେ କମ୍ପି ଉଠୁଛି ସାରା ପରିବେଶ। ଏଥି ପାଇଁ ଚଳଚଞ୍ଚଳ ହୋଇ ଉଠିଛି ସହର। ସପ୍ତ ଠାକୁରାଣୀଙ୍କ ଘଟ ପରିକ୍ରମା ସାଙ୍ଗକୁ ବିଭିନ୍ନ ମେଢ଼, ରଙ୍ଗୀନ ଆଲୋକମାଳା ଭକ୍ତମାନଙ୍କୁ ଆକୃଷ୍ଟ କରିଛି। ମାନସିକଧାରୀମାନେ ମା’ଙ୍କୁ ଦର୍ଶନ କରି କୃତାର୍ଥ ଲାଭ କରୁଛନ୍ତି। ଘଟ ପରିକ୍ରମା ବେଳେ ଭକ୍ତଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳିଛି। ସାତ ଭଉଣୀ ଅବା ସପ୍ତ ଠାକୁରାଣୀ ମା’ ଫୁଲକେଶନୀ, ମା’ ଖମ୍ବେଶ୍ୱରା, ମା’ କାଳମୁଖୀ, ମା’ ମାଣିକେଶ୍ୱରୀ, ମା’ ବୁଢ଼ୀ ଠାକୁରାଣୀ, ମା’ ଗ୍ରାମଦେବତୀ, ମା’ ବିମଳା, ମା’ ମାଣିକେଶ୍ୱରୀ ମିଶି ଅସ୍ଥାୟୀ ମଣ୍ଡପରେ ପୂଜା ପାଉଛନ୍ତି। ତେବେ ମା’ଙ୍କ ଦର୍ଶନ ପାଇବା ପାଇଁ ହଜାର ହଜାର ଭକ୍ତଙ୍କ ସୁଅ ଛୁଟିଛି। ଅପରପକ୍ଷରେ ଯାତ୍ରା ପାଇଁ ବିଭିନ୍ନ ପ୍ରକାର ଦୋଳି ଓ ମିନାବଜାର ଯାତ୍ରାକୁ ଅଧିକ ଆକର୍ଷିତ କରୁଛି। ଯାତ୍ରା କମିଟି ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ଲୋକମାନେ କିଭଳି ଶୃଙ୍ଖଳାର ସହ ମା’ଙ୍କୁ ଦର୍ଶନ କରିବେ ସେଥିପ୍ରତି ବ୍ୟାରିକେଡ୍‌ର ବ୍ୟବସ୍ଥା କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏହି ଯାତ୍ରା ଆସନ୍ତା ୩୦ ତାରିଖରେ ଉଦ୍‌ଯାପିତ ହେବ। ଅସ୍ଥାୟୀ ମଣ୍ଡପରେ ମା’ ସପ୍ତ ଠାକୁରାଣୀଙ୍କୁ ଦର୍ଶନ କରି ଭକ୍ତ ନିଜକୁ ଭାଗ୍ୟବାନ ମଣୁଛନ୍ତି।



## ମଧ୍ୟାହ୍ନ ଭୋଜନ ଉପରେ ମହଙ୍ଗା ମାଡ଼

**ଧରାକୋଟ,୨୪।୬(ସମିସ):** ସରକାରୀ ଘୋଷଣା ଅନୁଯାୟୀ ସୋମବାରଠାରୁ ଦିବା ସ୍କୁଲ ପାଠ ପଢ଼ା ଆରମ୍ଭ ହୋଇଛି। ଏହି ଅବସରରେ ଧରାକୋଟ ବ୍ଲକର ୬୭ଟି ପ୍ରାଥମିକ ବିଦ୍ୟାଳୟ, ୩୮ ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,୨୦ଟି ଉଚ୍ଚ ବିଦ୍ୟାଳୟ, ୯ଟି ଶିଶୁ ମନ୍ଦିର, ୨ଟି ଆଶ୍ରମ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷାଦାନ ଆରମ୍ଭ ହୋଇଛି। ନୂତନ ଶିକ୍ଷା ବର୍ଷ ଆରମ୍ଭ ହୋଇଥିବାରୁ ଛାତ୍ରଛାତ୍ରୀମାନେ ନୂତନ ଆଶା ଉଦ୍ଦୀପନା ନେଇ ବିଦ୍ୟାଳୟକୁ ଆସିଥିବା ବେଳେ ପନିପରିବା ଦରରେ ମହଙ୍ଗା ମାଡ଼ ଯୋଗୁଁ ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟମାନେ ଚିନ୍ତାରେ ପଡ଼ିଛନ୍ତି। ସରକାର ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ପାଇଁ ଟ ୫.୯୦ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ପାଇଁ ଟ ୮.୮୨ ସ୍ଥିର କରିଛନ୍ତି। ସୋମ ଓ ଗୁରୁବାରରେ ଡାଲମା, ମଙ୍ଗଳ ଓ ଶନିବାରରେ ସୋୟା, ବୁଧ ଓ ଶୁକ୍ରବାର ପାଇଁ ଅଣ୍ଡା ଦେବା ପାଇଁ ନିର୍ଦ୍ଦେଶ ରହିଛି। ସଂପ୍ରତି ଆଳୁ କିଲୋ ପିଛା ବଜାର ଦର ୩୫ ଟଙ୍କା, ପିଆଜ ୪୦ ଟଙ୍କା, ବାଇଗଣ ୬୦ ଟଙ୍କା, ଟମାଟୋ ୮୦ ଟଙ୍କା, ଭେଣ୍ଡି ୫୦ ଟଙ୍କା, ସାରୁ ୫୦ଟଙ୍କା, ଜହ୍ନି ୬୦ ଟଙ୍କା ଓ ଅଣ୍ଡା ଗୋଟିଏ ୭ ଟଙ୍କାରେ ବଜାରରେ ବିକ୍ରି ହେଉଛି। ଏପରି ସ୍ଥିତିରେ କିପରି ପିଲାଙ୍କୁ ମଧ୍ୟାହ୍ନଭୋଜନ ସୁଚାରୁ ରୂପେ ଦିଆଯିବ ତାକୁ ନେଇ ଉଭୟ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମାନେ ଚିନ୍ତାରେ ପଡ଼ିଛନ୍ତି। ବଜାର ଦରରେ ଯଦି ନିୟନ୍ତ୍ରଣ ନ ଆସେ ତାହେଲେ ସରକାର ଛାତ୍ରଛାତ୍ରୀଙ୍କ ପିଛା ଦରବୃଦ୍ଧି ପାଇଁ ପିଟିଏ ସଦସ୍ୟମାନେ ଦାବି କରିବେ ବୋଲି ପ୍ରକାଶ କରିଛନ୍ତି।

**ଚିନ୍ତାରେ ଶିକ୍ଷକ ଓ ପରିଚାଳକ**

## ମାନବ ସେବା ସମିତିର ସାଧାରଣ ବୈଠକ



**ଆସିକା,୨୪।୬(ସମିସ):** ବାଣୀବିହାର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଛତିଶି ବର୍ଷ ପୂର୍ତ୍ତି ଅବସରରେ ମାନବ ସେବା ସମିତି ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ତଥା ମାନବ ସେବା ସମିତି ସଭାପତି ଗଣେଶ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଥିବା ସମସ୍ତ ସଭ୍ୟ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଶିକ୍ଷକ ଗଣେଶ ରଥ ଦୀର୍ଘ ୩୬ ବର୍ଷ ଧରି ନିଷ୍ଠାର ସହ ଯେଉଁ ସବୁ କାର୍ଯ୍ୟ କରି ଆସୁଛନ୍ତି ଆଜି ସତରେ ଅତୁଳନୀୟ। ଦୁଃଖୀଙ୍କଠାରୁ ଆରମ୍ଭ କରି ମାନବ ସେବା ସମିତିର ବିଭିନ୍ନ କାର୍ଯ୍ୟକ୍ରମକୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ଆସୁଥିବା ଯୋଗୁ ଉପସ୍ଥିତ ଥିବା ସମସ୍ତ ସଭ୍ୟ ଏହି ମାନବ ସେବା ସମିତି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ବୋଲି ଅଧ୍ୟକ୍ଷ ଗଣେଶ ରଥଙ୍କୁ ପ୍ରସ୍ତାବ ଦେଇ ତାଙ୍କ ମନୋବଳ ସୃଦୃଢ଼ କରିଥିଲେ। ଗୋପବନ୍ଧୁ ଶ୍ରମିକ ଦିବସଠାରୁ ଆରମ୍ଭ କରି କାର୍ତ୍ତିକ ମାସରେ ଦୁଃଖୀଙ୍କୁ ଛତା, ଜୋତା, କମଳ, ଶାଢୀ ସହ ମାଗଣାରେ ପ୍ରସାଦ ସେବନ ପ୍ରଦାନ କରାଯାଉଛି। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ଭବାନୀ ଶଙ୍କର ରଥ, ଦୁର୍ଗାପ୍ରସାଦ ପଣ୍ଡା, ଦିଲୀପ ପାଣିଗ୍ରାହୀ, ଅନିଲ ପାଣିଗ୍ରାହୀ, ସନ୍ତୋଷ ପାଣିଗ୍ରାହୀ, ବାବୁଲା ଗୌଡ଼, ବଦ୍ରୀନାଥ ପାତ୍ର, ଅନିଲ ପୁଷ୍ଟି, କାମେଶ୍ୱର ଆଚାରୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ସ୍ମୃତି ଦିବସ

ଛତ୍ରପୁର,୨୪।୬(ସମିସ)



ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଛତ୍ରପୁର ଶାଖା ଶାନ୍ତି ଅନୁଭୂତି ଭବନ କେନ୍ଦ୍ରରେ ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ୫୯ତମ ସ୍ମୃତି ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଈଶ୍ୱରୀୟ ସନ୍ଦେଶ ପ୍ରାପ୍ତ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ସିଏଚ୍ ଦୟାନନ୍ଦ ସରସ୍ୱତୀ ମଧ୍ୟ ଯୋଗଦେଇ ଈଶ୍ୱରୀୟ ସନ୍ଦେଶ ଶୁଣାଇଥିଲେ। ଶାଖା ସଞ୍ଚାଳିକ ବ୍ରହ୍ମା କୁମାରୀ ବିଜୟ ଲକ୍ଷ୍ମୀ ଏହି ଦୁଇ ଅତିଥିଙ୍କୁ ପ୍ରଭୁ ଉପହାର ପ୍ରଦାନ କରି ସମ୍ମାନିତ କରିଥିଲେ। ଛତ୍ରପୁର ପ୍ରେସ କ୍ଲବର ଉପଦେଷ୍ଟା ପ୍ରଶାନ୍ତ କୁମାର ମହାରଣା, କୋଷାଧ୍ୟକ୍ଷ କେ.ସତ୍ୟନାରାୟଣ ରେଡ୍ଡୀ ଯୋଗଦେଇ ଈଶ୍ୱରୀୟ ସନ୍ଦେଶ ଜ୍ଞାନ ଆହୋରଣ କରିଥିଲେ। ବି.କେ. ବାଲା କ୍ରିଷ୍ଣା ଭାଇ ସଭା ପରିଚାଳନା କରିଥିଲେ। ମାତେଶ୍ୱରୀଙ୍କ ବାଲ୍ୟ ନାମ ଥିଲା ରାଧା, ତାଙ୍କ ପିତାଙ୍କ ନାମ ଥିଲା ପୋକର ଦାସ, ମାତା ରୋଚା ଦେବୀ, ସେ ୧୯୧୯ରେ ଅମୃତସର ସହରରେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତେଶ୍ୱରୀ ତତ୍କାଳୀନ ସିନ୍ଧୁ ପ୍ରଦେଶର ହାଇଦ୍ରାବାଦ ସହରରେ ମାତ୍ର ଦଶମ ଶ୍ରେଣୀରେ ଶିକ୍ଷାଗତ ଯୋଗ୍ୟତା ହାସଲ କରି ନିଜର କର୍ମମୟ ଜୀବନକୁ ତ୍ୟାଗ କରିବା ପରେ ମାତ୍ର ୧୭ ବର୍ଷ ବୟସରେ ୧୯୩୮ରେ ସେ ବ୍ରହ୍ମା ବାବାଙ୍କ ସହ ସାକ୍ଷାତ ହୋଇ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ଦୀର୍ଘ ବର୍ଷର ବ୍ୟବଧାନରେ ସନ୍ୟାସୀ ଜୀବନ ବିତାଇ ସମାଜକୁ ଅନେକ ଦିଗ ଦର୍ଶନ ଦେଇଆସିଥିଲେ। ଆଶ୍ରମରେ ରହୁଥିବା କନ୍ୟା ମାନଙ୍କର ଯତ୍ନ ସେ ଦାୟିତ୍ୱ ସହକାରେ ଜଣେ ପୋଖତ ମା’ ଭଳି ନେଉଥିବାରୁ ତାଙ୍କୁ ବାବାଙ୍କ ସମେତ ସମସ୍ତେ ମାମ୍ମା ବୋଲି ଡାକୁଥିଲେ। ତେଣୁ ସେ ପରବର୍ତ୍ତୀ ପର୍ଯ୍ୟାୟରେ ଏହି କ୍ରମେ ସେ ମାମ୍ମା ବୋଲି ନାମିତ ହୋଇଥିଲେ। କେବଳ ଭାରତ କାହିଁକି ସମଗ୍ର ବିଶ୍ୱକୁ ଏକ ନୂତନ ଦିଗନ୍ତ ଶାନ୍ତିର ବାର୍ତ୍ତା ବହନ କରିବା ପରେ ୧୯୬୫ରେ ସେ ଦେହ ତ୍ୟାଗ କରିଥିଲେ। ଏହି ଉପରେ ମାତେଶ୍ୱରୀଙ୍କ ଧ୍ୟାନ ଦେଇ ଓ ଆଲୋଚନ ହୋଇ ସ୍ମୃତିଚାରଣ କରାଯାଇଥିଲା।

# ଜିଲ୍ଲା କୋଷାଗାର କର୍ମଚାରୀ ପୁରସ୍କୃତ

**ଛତ୍ରପୁର,୨୪।୬(ସମିସ):** ସୋମବାର ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଛତ୍ରପୁରଠାରେ ଜିଲ୍ଲା କୋଷାଗାରର ଦୁଇ କର୍ମଚାରୀଙ୍କୁ ୨୦୨୪ ମସିହାର ମାର୍ଚ୍ଚ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ନିରାଡ଼ମ୍ବର ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା କୋଷାଗାର ଅଧିକାରୀ ପ୍ରଣବ କୁମାର ତ୍ରିପାଠୀ, ଅତିରିକ୍ତ ଜିଲ୍ଲା କୋଷାଗାର ଅଧିକାରୀ ଅଳକାନନ୍ଦା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କୋଷାଗାରର ବରିଷ୍ଠ ଷ୍ଟେନୋ ସନ୍ତୋଷ କୁମାର ଦାଶ ଓ ଡାଟାଏଣ୍ଟ୍ରି ଅପରେଟର ଜିତେନ୍ଦ୍ର କୁମାର ସେଠୀଙ୍କୁ ସେମାନଙ୍କର ସମର୍ପିତ କାର୍ଯ୍ୟ ଲାଗି ଜିଲ୍ଲାପାଳ ଏହି ପୁରସ୍କାର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୩ଠାରୁ ଜିଲ୍ଲା କୋଷାଗାର ଗୁଣାତ୍ମକ ସରକାରୀ ସେବା ଲାଗି ନିଜ ଜିଲ୍ଲାର କର୍ମଚାରୀଙ୍କୁ ମାର୍ଚ୍ଚ ପୁରସ୍କାର ଦେଇ ଆସୁଛି। ପୁରସ୍କାର ପ୍ରଦାନ କରିବା ଅବସରରେ ଜିଲ୍ଲାପାଳ ଦୁଇ ପୁରସ୍କୃତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୃଷ୍ଟି ଜିଲ୍ଲା କୋଷାଗାର ଏହି ଅଭିନବ ପୁରସ୍କାରର ଆୟୋଜନ ଲାଗି ଜିଲ୍ଲା କୋଷାଗାର ଅଧିକାରୀ ଓ ସମସ୍ତ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ। ଜିଲ୍ଲା କୋଷାଗାରର ବରିଷ୍ଠ ଗାଣତିକ ରବୀନ୍ଦ୍ର ନାଥ ସାହୁ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



### ପାନୀୟ ଜଳ ଯୋଗାଣ ଦାବି

# ଗ୍ରାମ୍ୟ ଜଳ ଯୋଗାଣ କାର୍ଯ୍ୟାଳୟ ଘେରାଉ

**ପାରଳାଖେମୁଣ୍ଡି, ୨୪।୬(ସମିସ)**



ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ୫ ଗ୍ରାମର ଲୋକେ ପାନୀୟ ଜଳ ଯୋଗାଣ ଦାବିରେ ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରିବା ସହ ଧାରଣାରେ ବସିଥିଲେ। ରାୟଗଡ଼ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ଏସ୍. କରଡାସିଂ ପଞ୍ଚାୟତର କରଣସାହି ଗ୍ରାମ, ଅବାପୁର, ଲାଇଲାଇ ପଞ୍ଚାୟତର ବିସମପାଡି ଓ ଲୋବା ସମେତ ୫ ଗ୍ରାମର ଲୋକେ ପାନୀୟ ଜଳ ଯୋଗାଇବା ପାଇଁ ବାରମ୍ବାର ଦ୍ୱାରସ୍ଥ ହୋଇଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ସେମାନଙ୍କୁ ୮ ମାସ ହେଲା କେବଳ ପ୍ରତିଶ୍ରୁତି ଦେଇ ଆସୁଛନ୍ତି। କିନ୍ତୁ ଜଳ ଯୋଗାଣ ନିମନ୍ତେ କୌଣସି ବ୍ୟବସ୍ଥା କରି ନ ଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ୫ ଗ୍ରାମର ଲୋକେ କାର୍ଯ୍ୟାଳୟ ଘେରାଉ କରିଥିଲେ। ୫ଖଣ୍ଡ ଗ୍ରାମର ଲୋକଙ୍କ ପ୍ରଶ୍ନବାଣରେ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ସମେତ ଅନ୍ୟ ଅଧିକାରୀ ନିରୁତ୍ତର ହୋଇଯାଇଥିଲେ। ଏପରିକି ବସୁଧା ଯୋଜନାରେ କଣ କରାଯାଇଛି ବୋଲି ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଆଶ୍ଚର୍ଯ୍ୟର ବିଷୟ ହେଉଛି ବସୁଧା ଯୋଜନା କଣ ସେ ବିଷୟରେ ବିଭାଗୀୟ ଅଧିକାରୀ ଅବଗତ ନ ଥିଲେ। ଯେତେବେଳେ ଗୋଟିଏ ବିଭାଗୀୟ କର୍ତ୍ତୃପକ୍ଷମାନେ ରାଜ୍ୟ ସରକାରଙ୍କ ଦ୍ୱାରା ଜନସାଧାରଣଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ପାନୀୟ ଜଳ ଯୋଗାଣ ଭଳି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଯୋଜନା ବିଷୟରେ ଜାଣିପାରୁ ନାହାନ୍ତି ତାହାହେଲେ ଯୋଜନା ଲୋକଙ୍କ ନିକଟରେ କିଭଳି ପହଞ୍ଚିବ ବୋଲି ପ୍ରଶ୍ନ କରାଯାଇଥିଲା। ଗ୍ରାମବାସୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ଓ ବାକବିତଣ୍ଡା ହୋଇଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ଚୌଧୁରୀ ଏକମାସ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି କହିବା ପରେ ଧାରଣାରତ ୫ ଗ୍ରାମର ଲୋକେ ଆନ୍ଦୋଳନରୁ ହଟିଥିଲେ।

## ୪ ଦିନ ହେଲା ଅନ୍ଧାରରେ ୪ ସାହି



**ଜି.ଉଦୟଗିରି, ୨୪।୬(ସମିସ):** ଚାରି ଦିନ ହେଲା ଷ୍ଟ୍ରିଟ୍ ଲାଇଟ୍ ଜଳୁ ନ ଥିବାରୁ ଅନ୍ଧାରରେ ଚାରିସାହି ବାସିନ୍ଦା ରହୁଛନ୍ତି। କନ୍ଧମାଳ ଜିଲ୍ଲା ଜି.ଉଦୟଗିରିର ବରାଳିନୀ ସାହି, ବସଷ୍ଟାଣ୍ଡସାହି, କଚେରୀ ସାହି ଓ ସୁବାଷନଗରରେ ଏହି ଭଳି ଅବସ୍ଥା ଲାଗି ରହିଛି। ଷ୍ଟ୍ରିଟ୍ ଲାଇଟ୍ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା କଥା କହିଛନ୍ତି ସାହି ବାସିନ୍ଦା। ଏନଏସି ଅଧ୍ୟକ୍ଷ, ଉପାଧ୍ୟକ୍ଷ, କାଉନସିଲର, କାର୍ଯ୍ୟନିର୍ବାହୀ ଅଧିକାରୀ, ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁଥିବା ଜଣାପଡ଼ୁନି। କାହା ପାଖରୁ ସନ୍ତୋଷଜନକ ଉତ୍ତର ମିଳୁ ନ ଥିବା ଅଭିଯୋଗ କରିଛନ୍ତି ସାହି ବାସିନ୍ଦା। ଫଳରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ବର୍ଷା ଦିନରେ ଅନ୍ଧାରରେ ଘରୁ ବାହାରିବା, ଛାତ୍ରଛାତ୍ରୀ ଯାତାୟତ କରିବା ସହ ସରିସୃପ ଭୟ ରହିଛି। ସାହିରେ ତୁରନ୍ତ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା କରାଯିବାକୁ ଦାବି ହେଉଛି।

## 'ସାମାଜିକ ଅନୁଷ୍ଠାନର ସହଯୋଗ ବିନା ଲକ୍ଷ୍ୟ ହାସଲ ଅସମ୍ଭବ'

**ଫୁଲବାଣୀ, ୨୪।୬(ସମିସ):** ସାମାଜିକ ଅନୁଷ୍ଠାନ ଗୁଡିକର ପ୍ରତ୍ୟକ୍ଷ ସହଯୋଗ ଏବଂ ଗୋଷ୍ଠୀର ଭାଗୀଦାରିତା ବିନା ବିକାଶର ଲକ୍ଷ୍ୟକୁ ହାସଲ କରିବା ସମ୍ଭବ ହେବନାହିଁ ବୋଲି ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱାତୀ ଦ୍ୱାରା ଆୟୋଜିତ ରୌପ୍ୟ ଜୟନ୍ତୀ ପାଳନ ଅବସରରେ ବକ୍ତା ମତବ୍ୟକ୍ତ କରିଛନ୍ତି। ୨ ଦିନ ଧରି ଅନୁଷ୍ଠାନର ଜି.ଉଦୟଗିରି ସ୍ଥିତ କାର୍ଯ୍ୟାଳୟରେ ୨୫ ବର୍ଷ ପୂର୍ତ୍ତି ଅବସରରେ ପୁରାତନ ଓ ନୂତନ କର୍ମୀଙ୍କୁ ଏକାଠି କରି ଏକ ସମ୍ମିଳନୀ ହୋଇଥିଲା। ପ୍ରଥମ ଦିବସ ରେ ଅନୁଷ୍ଠାନ ଦ୍ୱାରା କନ୍ଧମାଳ, ଗଞ୍ଜାମ, ଖୋର୍ଦ୍ଧା, ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଗୁଡିକର ପୁରାତନ ଓ ନୂତନ କର୍ମୀ ମାନେ ଯୋଗଦେଇ ଥିଲେ। ପ୍ରଥମ ଦିନ ମୁଖ୍ୟଅତିଥି ଭାବେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ସମାଜସେବୀ ଓ ପୂର୍ବତନ ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ରାଘବ ମଲ୍ଲିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ସାମଲ ଶୂଳପାଣି ଶତପଥୀ ଯୋଗ ଦେଇଥିଲେ। ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଓ ପ୍ରଦାତା ଅନିଷ୍ଠାନର ପରିଚାଳନା ସମ୍ପାଦକ ପ୍ରଦିପ କୁମାର ଦାସ ଏଥିରେ ଯୋଗ ଦେଇଥିଲେ। ଯୋଗ ଦେଇଥିବା ସମସ୍ତ ପୂର୍ବତନ କର୍ମୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା।




ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ପରିଚାଳନା କରିଥିଲେ। ଦ୍ୱିତୀୟ ଦିବସରେ ଅନିଷ୍ଠାନର ପ୍ରତିଷ୍ଠା ଦିବସ ଥିବାରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିବା କୁହାଯିବା ସହ ସମସ୍ତେ ଏଥିରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ଅଧ୍ୟକ୍ଷ ପ୍ରଶାନ୍ତ ଶତପଥୀ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିବା ବେଳେ କୋଷାଧ୍ୟକ୍ଷ ସାନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ପ୍ରଦୀପ କୁମାର ସ୍ୱାଇଁ, ବିଶ୍ୱରଞ୍ଜି କର, ଗିରିଶ ଚନ୍ଦ୍ର ସାମଲ ଓ ସୁସ୍ମିତା ଜେନା ସହଯୋଗ କରିଥିଲେ।

### ● ଆରପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଇମାନୁଏଲ 'ଏ' ଦଳ ଚାମ୍ପିଅନ୍

**ରାୟଗଡ଼, ୨୪।୬(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦରମହକୁମାରେ ୫ ଦିନ ଧରି ଚାଲିଥିବା ରାୟଗଡ଼ ପ୍ରିମିୟର ଲିଗ (ଆରପିଏଲ) କ୍ରିକେଟ ରବିବାର ଉଦଯାପିତ ହୋଇଛି। ଏଥିରେ ଇମାନୁଏଲ 'ଏ ' ଦଳ ଚମ୍ପିୟନ ହୋଇଥିବାବେଳେ ନେମିଶିଶ ଦଳ ରନର୍ସ ଅପ ହୋଇଥିଲା। ଉକ୍ତ ଟୁର୍ଣ୍ଣାମେଣ୍ଟ ରାୟଗଡ଼ରେ ପ୍ରଥମ କରି ରାତିରେ ଫ୍ଲୋଡ ଲାଇଟ ଆଲୁଅରେ ସର୍କଲ ମ୍ୟାଚ ଖେଳାଯାଇଥିବା ବେଳେ ଏଥିରେ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ଗ୍ରାମର ସମାଜସେବୀ ପ୍ରଦୀପ କୁମାର ଦଳାଇ ଏବଂ ଯୁବ ଖେଳାଳି ଚିଣ୍ଟୁ ସୁବୁଦ୍ଧିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉକ୍ତ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା। ବିଜୟୀ ଦଳକୁ ଚମ୍ପିୟନ ଟ୍ରଫି ଓ ଉପବିଜେତା ଦଳକୁ ରନର୍ସ ଅପ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ନିରପେକ୍ଷ ଅମ୍ପାୟାରିଂ ପାଇଁ ବାବୁ ପାତ୍ର, ଅଶୋକ ପାଇକ ଓ ସ୍ୱରୂପ ପଟ୍ଟନାୟକ, ଶ୍ରେଷ୍ଠ ସିନିୟର ପ୍ଲେୟାର ଭାବେ ରାଜେନ୍ଦ୍ର ବେହେରା, ବେଷ୍ଟ ଜୁନିୟର ପ୍ଲେୟାର ଭାବେ ରୁଦ୍ର ପାତଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡ଼ିଓ ସୁଧିର କୁମାର ସିଂ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ଗୋଲୁରୁ ଶୋଭାରାଣୀ ଓ ସାମ୍ବାଦିକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ଦୋରା, ମିଥୁନ ଦାସ, କାହ୍ନୁ ପଟ୍ଟନାୟକ ଓ ନୀଳାଚଳ ଗୌଡ଼ ପରିଚାଳନାରେ ସହଯୋଗ କରିଥିଲେ।



## ଶ୍ରବଣ ଯନ୍ତ୍ର ବିତରଣ



**ନୂଆଗଡ଼, ୨୪।୬(ସମିସ):** ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଖଜୁରୀପଦା ପଞ୍ଚାୟତ ସମ୍ମିଳନୀ କକ୍ଷରେ ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଶ୍ରବଣ ବାଧି ଯନ୍ତ୍ର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଭୀମ ଭୋଇ ସାମର୍ଥ୍ୟ ଶିବିରରେ ପଞ୍ଜୀକୃତ ହୋଇଥିବା ୧୫ଜଣ ବଧିର ଯୋଗ ଦେଇଥିଲେ। ବ୍ରହ୍ମପୁର ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ବାହକ ଶ୍ରବଣ ପରାମର୍ଶଦାତା ପ୍ରଶାନ୍ତ କୁମାର ନାହକ, ରୁବିନା କୁମାରୀ ଶତପଥୀ କାନର ପରୀକ୍ଷା ନିରୀକ୍ଷା କରି ଥିଲେ। ସେମାନଙ୍କର ଶୁଣିବାର ସାମର୍ଥ୍ୟ ଅନୁଯାଇ ବିଡିଓ ଲୋକନାଥ ଶବରଙ୍କ ଉପସ୍ଥିତିରେ ବଧିରଙ୍କୁ ଶ୍ରବଣ ବାଧି ଯନ୍ତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆନନ୍ଦ ରାଓ ଗଣ୍ଡି ଓ ସାମାଜିକ ସୁରକ୍ଷା କାର୍ଯ୍ୟ ସହାୟକ ଜାକ୍ସନ ଲିମ୍ମା ପରିଚାଳନାରେ ସହଯୋଗ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ରାଇକିଆ, ୨୪।୬(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟ ଅଧ୍ୟକ୍ଷ ଶଙ୍କର୍ଷଣ ସାହୁ, ବରିଷ୍ଠ କ୍ରୀଡ଼ା ଶିକ୍ଷକ ଆନ୍ଦ୍ରିଓ ନାୟକ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ତୁଳସୀ ପଣ୍ଡା ଅବସର ଗ୍ରହଣ କରିଥିଲେ। ଏ ନେଇ କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କଲେଜ ପରିଚାଳନା କମିଟି ସଭାପତି ରାଜମୋହନ ଦିଗାଲ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୂତନ ଭାବେ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଭାକର ରାଜୁ, ପ୍ରାଧ୍ୟାପକ ଉମାକାନ୍ତ ରଥ ଏବଂ ଅନ୍ୟମାନେ ଅବସର ନେଇଥିବା ଅଧ୍ୟକ୍ଷ, କ୍ରୀଡ଼ା ଶିକ୍ଷକ ଓ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ କର୍ମମୟ ଜୀବନର ସ୍ମରଣୀୟ ମୁହୂର୍ତ୍ତ କୁ ସ୍ମୃତିଚାରଣ କରିବା ସହ ଅବସର କାଳୀନ ଜୀବନର ଉତ୍ତରୋତ୍ତର ମଙ୍ଗଳ କାମନା କରିଥିଲେ। ଅବସର ଗ୍ରହଣ କରିଥିବା ତିନି କର୍ମଚାରୀଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ମଞ୍ଜୁଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସସ୍ମିତା ଲୋହାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

## କ୍ଷତିପୂରଣ ଦାବିରେ ରାସ୍ତାରୋକ





**ମୋହନା, ୨୪।୬(ସମିସ):** ଗଜପତି ଜିଲ୍ଲା ମୋହନା କଲେଜ ଛକରେ ଅଘଟଣ। ଜଣେ ବ୍ୟକ୍ତିଙ୍କ ଘରେ ଚୂନ ମାରୁଥିବା ବେଳେ ବିଦ୍ୟୁତ ତାର ଲାଗି ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଖାରୀଗୁଡା ଗାଁର ମୁନା ନାୟକ(୩୦)। ମୃତକ ଜଣେ ଗରିବ ଯୁବକ ହୋଇଥିବା ବେଳେ ତାଙ୍କର ୨ ଛୋଟ ଛୁଆ ଅଛନ୍ତି। ପରିବାର ଚଳାଇବା ପାଇଁ ଶ୍ରମିକ ଭାବେ କାମ କରୁଥିଲେ। ତେଣୁ ତାଙ୍କ ପରିବାରକୁ କ୍ଷତି ପୂରଣ ଦାବିରେ ଘର ଆଗରେ ମୃତଦେହ ରଖି ମୋହନା କଲେଜ ଛକରେ ରାସ୍ତା ଅବରୋଧ କରିଥିଲେ ଅଞ୍ଚଳବାସୀ। ଦିନ ସାଢେ ୧୧ ଟାରୁ ରାସ୍ତା ଅବରୋଧ ହୋଇଥିଲା। ଖବର ପାଇ ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ସହ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ସାଢେ ୪ ଟାରେ ରାସ୍ତା ଅବରୋଧ ହଟିଥିଲା।

ମିଳିଥିବା ସୂଚନା ପ୍ରକାରେ ଖାରୀଗୁଡା ଗାଁର ମୁନା ନାୟକ ମୋହନା କଲେଜ ଛକରେ ଥିବା ଜଣେ ବ୍ୟକ୍ତିଙ୍କ ନବନିର୍ମିତ ଘରେ ଚୂନ ଲଗାଉଥିଲେ। ଏହି ସମୟରେ ଘର ଉପର ଦେଇ ଯାଇଥିବା ୧୧ କେଭି ତାର ଲାଗି ତଳେ ପଡ଼ିଯାଇଥିଲେ। ଅଚେତ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘର ମଲିକଙ୍କ ଘର ଆଗରେ ମୃତଦେହ ରଖି ଧାରଣା ଦେଇଥିଲେ ପରିବାର ଲୋକେ। ଏଥିସହ ଶତାଧିକ ଲୋକେ କଲେଜ ଛକରେ ରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁ ମୋହନା-ବ୍ରହ୍ମପୁର-ପାରଳାଖେମୁଣ୍ଡି ସମେତ ମୋହନା ଦେଇ ରାୟଗଡ଼ାକୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ପ୍ରାୟ ୫ ଘଣ୍ଟା ରାସ୍ତା ଅବରୋଧ ଯୋଗୁଁ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଶ୍ରୀ ସେଠୀ କହିଛନ୍ତି।

## ଜି.ଉଦୟଗିରିରେ ରକ୍ତଦାନ ଶିବିର, ୫୦ ୟୁନିଟ୍ ସଂଗ୍ରହ

**ଜି.ଉଦୟଗିରି, ୨୪।୬(ସମିସ):** ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱାତୀର ରୌପ୍ୟ ଜୟନ୍ତୀ ଅବସରରେ ଏଚଡିଏଫ୍‌ସି ବ୍ୟାଙ୍କର ମିଳିତ ସହଯୋଗରେ ଜି.ଉଦୟଗିରିରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ପ୍ରଧାନ ଓ ସମ୍ମାନିତ ଅତିଥି ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ ଯୋଗ ଦେଇ ଉଦଘାଟନ କରିଥିଲେ। ଶିବିରରେ ୫୦ଜଣ ସେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଉକ୍ତ ଶିବିରକୁ ସ୍ୱାତୀର କର୍ମୀ ବିଶ୍ୱରଞ୍ଜନ କର, ଗିରିଶ ସାମଲ ଓ ଏଚ ଡି ଏଫ ସି ବ୍ୟାଙ୍କର ଦୀପ୍ତି ପ୍ରସାଦ ରଥ ପରିଚାଳନା କରିଥିଲେ। ଶିବିର ପୂର୍ବରୁ ଚକରାବିଶୋଇ ଓ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ଏକ ଶାନ୍ତି ଶୋଭାଯାତ୍ରା କରାଯାଇଥିଲା। ଏହା ସହିତ ଚାରାରୋପଣ କରାଯାଇଥିଲା। ସଙ୍ଗଠନର ସମ୍ପାଦକ ହରିଶଙ୍କର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ ଯୋଗ ଦେଇଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱାତୀ ସଙ୍ଗଠନର କର୍ମଚାରୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।




# ଦୟନୀୟ ଅବସ୍ଥାରେ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ





**ପାରଳାଖେମୁଣ୍ଡି, ୨୪।୬(ସମିସ)**

● ଭଗ୍ନ ଶ୍ରେଣୀ ଗୃହରେ ଚାଲିଛି ପାଠପଢ଼ା
● ୪ କୋଠରୀରେ ଆଜବେଷ୍ଟସ୍ ଫାଟିଆଁ

ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡିର ଶିକ୍ଷାର ଭିତ୍ତିଭୂମୀ ଓ ଶିକ୍ଷାଗତ ଢାଞ୍ଚା କେବଳ ରାଜ୍ୟ ନୁହେଁ ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଦେଶ ସ୍ୱାଧୀନ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ପାରଳା ରାଜବଂଶୀୟମାନେ ଜନତାଙ୍କ ମଙ୍ଗଳ ନିମନ୍ତେ ଦୂରଦୃଷ୍ଟି ରଖି ଶିକ୍ଷାକୁ ପ୍ରାଥମିକତା ଦେଇଥିଲେ। ଏହାର ଉଦାହରାଣ ହେଉଛି ୧୮୫୭ ମସିହାରେ ନିର୍ମିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ସେହି ସମୟରେ ଯେଉଁ ଭଳି ଭାବେ ଆନୁସଙ୍ଗିକ ବ୍ୟବସ୍ଥା କରିଥିଲେ ତାହା ଅତ୍ୟନ୍ତ ଉନ୍ନତମାନର ଥିଲା। ଏପରିକି ଏହି ବିଦ୍ୟାଳୟରେ କେବଳ ପାରଳାଖେମୁଣ୍ଡି ନୁହେଁ ସମଗ୍ର ଓଡ଼ିଶା ଓ ଆନ୍ଧ୍ରର ବହୁ ଛାତ୍ର ଅଧ୍ୟୟନ କରୁଥିଲେ। ସେମାନଙ୍କ ମଧ୍ୟରୁ ଅନେକ ନିର୍ବାଚିତ ପ୍ରତିନିଧି ଓ ବିଭିନ୍ନ ସରକାରୀ ସ୍ତରରେ ବିଭିନ୍ନ ଉଚ୍ଚ ପଦରେ ରହିଛନ୍ତି। ସମୟ ବଦଳିଛି। ବର୍ତ୍ତମାନ ଏହି ବିଦ୍ୟାଳୟ ଶୋଚନୀୟ ସ୍ଥିତରେ ରହିଛି ଏବଂ ଏହାକୁ ଦେଖିଲେ ଦୀପତଳ ଅନ୍ଧାର ଭଳି ଜଣାପଡୁଛି। ଏହି ବିଦ୍ୟାଳୟରେ ୫୫୦ ଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ୩୨ ଜଣ ଶିକ୍ଷକ/ଶିକ୍ଷୟତ୍ରୀ ନିୟୋଜିତ ଅଛନ୍ତି। ଶିକ୍ଷାଦାନ ପାଇଁ ୩୦ କୋଠରୀ ବିଶିଷ୍ଟ ଏହି ବିଦ୍ୟାଳୟରେ ବିଭିନ୍ନ ବିଭାଗ ସମେତ କାର୍ଯ୍ୟାଳୟ ଓ ଷ୍ଟାଫ୍ କମନରୁମ୍ କୁ ଛାଡିଦେଲେ ଷଷ୍ଠରୁ ଦଶମ ଶ୍ରେଣୀ ପାଇଁ ୧୪ଟି କୋଠରୀ ବ୍ୟବହାର କରାଯାଉଛି। ସେଥିରୁ ୪ଟି କୋଠରୀରେ ଆଜବେଷ୍ଟସ ଫାଟି ଦୟନୀୟ ଅବସ୍ଥାରେ ରହିଛି। ବର୍ତ୍ତମାନ ସ୍କୁଲରେ ପାଠପଢ଼ା ଆରମ୍ଭ ହୋଇଥିବା ବେଳେ ଅଭିଭାବକ ଓ ଅଧ୍ୟୟନ କରୁଥିବା ଛାତ୍ର ନିଜକୁ ସୁରକ୍ଷିତ ମଣୁନାହାନ୍ତି। କାରଣ ପାଠପଢ଼ା ଚାଲିଥିବା ବେଳେ କେତେବେଳେ ଯେ ଅଚାନକ ଖଣ୍ଡିଆ ଆଜବେଷ୍ଟ ପଡ଼ିଯିବ ସେହି ଭୟ ରହିଛି। କିଛି ଦିନ ପୂର୍ବେ ବିଦ୍ୟାଳୟର କିଛି ଦୂରରେ ବଜ୍ରପାତ ଯୋଗୁଁ ଜଣେ ବ୍ୟକ୍ତିଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଏହି ବିଦ୍ୟାଳୟରେ ବିଭିନ୍ନ ସମୟରେ ଷ୍ଟ୍ରଙ୍ଗ୍ ରୁମ୍, ବିଭିନ୍ନ ବୈଷୟିକ ତାଲିମ୍ ପ୍ରତିଦ୍ୱନ୍ଦୀତା ମୂଳକ ପରୀକ୍ଷା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ବର୍ଷ ତମାମ ଅନୁଷ୍ଠିତ ହେଉଥିବା ବେଳେ ସେସବୁ ପାଇଁ କୋଠରୀର ଅଭାବ ପରିଲିକ୍ଷିତ ହେଉଛି। ଏ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ୱାଇ.ଧର୍ମା ରାଓଙ୍କୁ ପ୍ରଶ୍ନ କରାଯିବାରେ ବିଭିନ୍ନ ସମସ୍ୟାକୁ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା କହିଛନ୍ତି। ଏହି ସବୁ ଦୃଶ୍ୟକୁ ଦେଖିଲେ ବିଦ୍ୟାଳୟର ଉନ୍ନତି ପ୍ରତି କୌଣସି ରାଜନେତା କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ନ ଥିବା ପରିଲକ୍ଷିତ ହେଉଛି।

